# ସର୍ବାଙ୍ଗୀନ ଶିକ୍ଷାହିଁ ଉନ୍ନତ ଜୀବନର ଭିତ୍ତି

ଭିତ୍ତି ଯେତେ ଦୃଢ଼ ହୁଏ, ତାହା ଉପରେ ସେତେ ବିଶାଳ ଅଟ୍ଟାଳିକା ତିଆରି ହୋଇପାରେ । ଭିତ୍ତି ଦୁର୍ବଳ ଥିଲେ ଇମାରତ ଭୁଶୁଡ଼ି ପଡ଼େ । ଜୀବନର ଭିତ୍ତି ହେଉଛି ଛାତ୍ର ଅବସ୍ଥାରେ ମନ, ପ୍ରାଣ, ଶରୀର ତଥା ଆତ୍ମ ବିକାଶର ଶିକ୍ଷା । ଏହି ଚାରି ସତ୍ତା ବିକାଶରେ ବ୍ୟକ୍ତି ରୋଗ, ଜରା, ମୃତ୍ୟୁ, ସମସ୍ତ ପ୍ରକାର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅଶାନ୍ତିରୁ ମୁକ୍ତ ହୋଇ ପରମ ଶାନ୍ତି, ପରମ ଆନନ୍ଦ ପ୍ରାପ୍ତ କରେ । ଜାଗତିକ ସମସ୍ତ କର୍ମ ଦକ୍ଷତା ସହ ସମ୍ପନ୍ନ କରିବାରେ ସମର୍ଥ ହୁଏ । ଏହିରୂପେ ପୂର୍ଣ୍ଣ ବିକଶିତ ବ୍ୟକ୍ତି ଦ୍ୱାରା ହୁଏ ନିଜର, ପରିବାରର, ଗ୍ରାମ, ଦେଶ ତଥା ସଂସାରର ହିତ ଏବଂ ଯଥାର୍ଥ ଉନ୍ନତି । ଅତଏବ ପ୍ରତ୍ୟେକ ଛାତ୍ର-ଛାତ୍ରୀମାନଙ୍କର ସାବଧାନତା ସହ ଜୀବନରେ ପୂର୍ଣ୍ଣତାର ଆଧାର ପ୍ରତିଷ୍ଠା କରିବାରେ ଯତ୍ନଶୀଳ ହେବା ଏକାନ୍ତ ପ୍ରୟୋଜନ ।

## ଉନ୍ନତିରେ ବାଧା

ପ୍ରଥମ ବାଧା ହେଲା ଛାତ୍ର-ଛାତ୍ରୀ ନିଜ ଜୀବନର ସର୍ବାଙ୍ଗୀନ ଉନ୍ନତି ସମ୍ବନ୍ଧେ ସଚେତନ ନ ହେବା ଏବଂ ଯଥାର୍ଥ ବିବେକ ଜ୍ଞାନ ଅଭାବରୁ ଅମୂଲ୍ୟ ମଣି ବଦଳରେ ସେରେ ଶାଗରେ ସନ୍ତୁଷ୍ଟ ହେବା ସଦୃଶ ଛୋଟ ସ୍ୱାର୍ଥ ଯୋଗୁଁ ଜୀବନର ଯଥାର୍ଥ ଉନ୍ନତି ସକାଶେ ପ୍ରଯତ୍ନ ନ କରିବା । ଶିକ୍ଷାର୍ଥୀ ଅବସ୍ଥାରେ ଛାତ୍ର-ଛାତ୍ରୀମାନେ ମନ, ପ୍ରାଣ, ଶରୀର ଏବଂ ଆତ୍ମବିକାଶ ସକାଶେ ପ୍ରଯତ୍ନ କଲେ ସେମାନଙ୍କ ଜୀବନ ଅମୂଲ୍ୟମଣି ସଦୃଶ ମହାନ୍ ହୋଇପାରିବ । ସେମାନେ ସ୍ୱୟଂ ଦୁଃଖବିହୀନ ପରମାନନ୍ଦ, ପରମ ଜ୍ଞାନରେ ବାସକରି ଉତ୍ତମ କର୍ମ କରିପାରିବେ । ସେଥିରେ ନିଜର, ପରିବାର, ଦେଶ ତଥା ସଂସାରର ହିତ ହୋଇପାରିବ । ସଂସାରରୁ ଅସତ୍ୟ, ଅନ୍ୟାୟ, ବିଶୃଙ୍ଖଳା, ଅଭାବ ଅନାଟନ ଦୂର ହୋଇ ସଂସାର ସ୍ୱର୍ଗରେ ପରିଣତ ହେବ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପୁରାତନ ଯୁଗ ଶେଷ, ନୂତନ ସତ୍ୟଯୁଗ ପ୍ରତିଷ୍ଠାର ସନ୍ଧିକ୍ଷଣ । ଏହି ସନ୍ଧିକ୍ଷଣ ଯୋଗୁଁ ସଂସାରରେ ସମସ୍ତ ବିଶୃଙ୍ଖଳା ସୃଷ୍ଟି ହୋଇଛି । ଜୀବନର ଲକ୍ଷ୍ୟ ଏହି ସର୍ବାଙ୍ଗୀନ ବିକାଶର ଜ୍ଞାନ ଅଭାବରୁ ଅମୂଲ୍ୟମଣି ସଦୃଶ ଯେଉଁ ଜୀବନରେ ନୂତନ ସତ୍ୟଯୁଗ ପ୍ରତିଷ୍ଠାରେ ବ୍ୟକ୍ତି ମହାନ୍ କାର୍ଯ୍ୟ କରିପାରନ୍ତା, ସେହି ଜୀବନରେ ବ୍ୟକ୍ତି ସ୍ୱାର୍ଥ ତଥା ଅହଂବଶ ହୋଇ ସ୍ୱୟଂ ଆନ୍ତରିକତା ସହ କର୍ମ କରୁ ନାହିଁ । ନିଜ ସ୍ୱାର୍ଥ ହାସଲ କରିବାରେ ଅନ୍ୟ ବ୍ୟକ୍ତିର ତଥା ଦେଶର ବହୁତ କ୍ଷତି କରୁଛି । ଏହି ଅବସ୍ଥା ହୋଇଛି କମ୍ ବେଶୀ ପରିମାଣରେ ଜୀବନର ଯଥାର୍ଥ ଲକ୍ଷ୍ୟ ନ ଜାଣିଥିବା ସମସ୍ତ ବ୍ୟକ୍ତିଙ୍କର । ଏହି କାରଣରୁ ସଂସାରରେ ତଥା ଦେଶରେ ହୋଇଛି ସମସ୍ତ ପ୍ରକାର ବିଶୃଙ୍ଖଳା ଏବଂ ଅଭାବ ।

ଛାତ୍ରମାନେ ଏଥିରୁ ମୁକ୍ତ ନୁହନ୍ତି । ଜୀବନର ଲକ୍ଷ୍ୟଜ୍ଞାନ ଅଭାବରୁ ମନ ଓ ପ୍ରାଣରୁ ବିକାଶ ସକାଶେ ବିଦ୍ୟା ଓ ଅନ୍ୟାନ୍ୟ କଳାଶିକ୍ଷା; ଶରୀରବିକାଶ ସକାଶେ ବ୍ୟାୟାମ ଏବଂ ଆତ୍ମବିକାଶ ସକାଶେ ଅଧ୍ୟାତ୍ମସାଧନ ନ କରି ସାଙ୍ଗସାଥୀମାନଙ୍କ ସଙ୍ଗରେ ନିରର୍ଥକ ଗପ ତଥା ନିରର୍ଥକ କାର୍ଯ୍ୟରେ ସମୟ ନଷ୍ଟ କରୁଛନ୍ତି ଅଥବା ରାଜନୀତିରେ ପ୍ରବେଶ କରି ଜୀବନକୁ ବ୍ୟର୍ଥ କରୁଛନ୍ତି । ଯେଉଁ ଛାତ୍ରମାନେ କେବଳ ପଢ଼ାରେ ମନ ଦେଉଛନ୍ତି ସେମାନଙ୍କର ଆତ୍ମପ୍ରେରଣାବିହୀନରୁ ସେମାନେ ସଂସାରର ଯଥାର୍ଥ ଉନ୍ନତି କାର୍ଯ୍ୟ କରିପାରୁ ନାହାନ୍ତି । ଚାକିରି, ବ୍ୟବସାୟ କିଂବା ରାଜନୀତି କରି ନିଜକୁ ବା ପରିବାରକୁ ପାଳନପୋଷଣ କରୁଛନ୍ତି । ସେଥିରେ ସେ ନିଜେ ସୁଖୀ ହେଉ ନାହାନ୍ତି, କିଂବା ପରିବାର, ଦେଶ, ସଂସାରର ଯଥାର୍ଥ ଉନ୍ନତିରେ ଅଂଶ ଗ୍ରହଣ କରିପାରୁ ନାହାନ୍ତି । ବର୍ତ୍ତମାନ ଏହି ଯୁଗ ପରିବର୍ତ୍ତନ ସମୟରେ ଛାତ୍ର-ଛାତ୍ରୀମାନଙ୍କୁ ସଚେତ ରହିବାକୁ ହେବ ।

ବାଳକବାଳିକାମାନଙ୍କ ଜୀବନ ଆରମ୍ଭରୁ ପ୍ରଥମରେ ଶିକ୍ଷା ପ୍ରାପ୍ତ ହୁଏ ପିତାମାତା ତଥା ଶିକ୍ଷକମାନଙ୍କଠାରୁ । ସେମାନେ ଯାହା ଆଚରଣ କରନ୍ତି ତାହାର ପ୍ରଭାବ ପଡ଼େ ଶିଶୁମାନଙ୍କ ଚେତନାରେ ଏବଂ ସେହି ପ୍ରଭାବ ପରିଣତ ହୁଏ ସ୍ୱଭାବରେ । ପିତା, ମାତା ଏବଂ ଶିକ୍ଷକ ନିଜ ସ୍ୱଭାବ, ଚରିତ୍ର ସୁଧାର କରିବାକୁ ଚେଷ୍ଟା ନ କରି ପୁତ୍ର, କନ୍ୟା, ଛାତ୍ରଛାତ୍ରୀମାନଙ୍କଠାରୁ ଉତ୍ତମ ଗୁଣ ଆଶା କରନ୍ତି । ପରିଣାମରେ ପିତା, ମାତା, ଶିକ୍ଷକଙ୍କର ଯେଉଁ ଗୁଣ ସ୍ୱଭାବ ଆଚରଣ ଥାଏ ପୁତ୍ର, କନ୍ୟା, ଛାତ୍ରଛାତ୍ରୀମାନେ ତାହାହିଁ ଶିକ୍ଷା କରନ୍ତି ।

କ୍ରମବିକାଶ ଅନୁସାରେ ପୁରାତନ ଯୁଗ, ପୁରାତନ ଶିକ୍ଷା, ପୁରାତନ ଆଚରଣର ଯୁଗ ସମାପ୍ତ ହୋଇ ସାରିଛି । ନୂତନ ସତ୍ୟ-ଯୁଗର ସମୟ ଆସିଯାଇଛି । ଆଉ ପୁରାତନ ପଦ୍ଧତିର ଅନୁକରଣରେ କାର୍ଯ୍ୟ ଚଳିବ ନାହିଁ । ନୂତନ ସତ୍ୟକୁ ଗ୍ରହଣ କରିବାକୁ ହେବ ଏବଂ ନୂତନ ଅତିମାନସ ସତ୍ୟଚେତନାରେ ମନ, ପ୍ରାଣ, ଶରୀର ତଥା ତା'ର ଗୁଣଧର୍ମକୁ ଦିବ୍ୟତ୍ୱରେ ରୂପାନ୍ତର କରିବାକୁ ହେବ । ସେଥିରେହିଁ ହେବ ଜୀବନର ସର୍ବାଙ୍ଗୀନ ବିକାଶ ଏବଂ ପୂର୍ଣ୍ଣତା ।

## ଜୀବନର ଅର୍ଥହିଁ ବିକାଶ

ମନୁଷ୍ୟର ଜୀବନ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀ ମନୁଷ୍ୟ-ଶରୀରରେ । ମନୁଷ୍ୟ ସକାଶେ ଊର୍ଦ୍ଧ୍ୱ ବିକାଶ ଏବଂ ଅଧଃ ପତନ ଏହି ଉଭୟ ମାର୍ଗ ସର୍ବଦା ଉନ୍ମୁକ୍ତ ଥାଏ । ମନୁଷ୍ୟ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରି ଉଚିତ ମାର୍ଗରେ ଉନ୍ନତିର ପ୍ରଯତ୍ନ କରିପାରିଲେ ସେ ନିଜର ସର୍ବାଙ୍ଗୀନ ବିକାଶ କରିପାରେ; ନିଜେ ପରମ ସୁଖ ପରମ ଶାନ୍ତିରେ ବାସ କରିପାରେ; ଏବଂ ସଂସାରରୁ ଅସତ୍ୟ, ଅନ୍ୟାୟ, ଦୁଃଖ, ଦ୍ୱନ୍ଦ୍ୱ ଦୂରକରି ସତ୍ୟ, ନ୍ୟାୟ ପ୍ରତିଷ୍ଠା କରିପାରେ । ଏହାର ବିପରୀତ ଆଚରଣରେ ଅଧଃପତନ ହୁଏ । ବର୍ତ୍ତମାନ ମହାନ୍ ଉନ୍ନତିର ସମୟ ଆସିଛି । ମା'ଙ୍କର ୧୯୬୮ ସାଲ ବାଣୀରୁ ସ୍ପଷ୍ଟରୂପେ ଏହାର ସୂଚନା ମିଳୁଛି ।

> Remain young, never stop striving towards perfection.
> 1-1-68 – The Mother
> ତରୁଣ ରୁହ, ପୂର୍ଣ୍ଣତାର ସାଧନାରୁ କଦାପି ବିରତ ହୁଅ ନାହିଁ ।
> ୧-୧-୬୮ – ଶ୍ରୀମା

ବ୍ୟକ୍ତିର ବିକାଶ ବା ଉନ୍ନତିର ମାର୍ଗ ଉନ୍ମୁକ୍ତ ଥାଏ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ । ଉନ୍ନତିର ଆଶା ରଖି ଉନ୍ନତି ସକାଶେ ବ୍ୟକ୍ତି ଯେପର୍ଯ୍ୟନ୍ତ ପ୍ରଯତ୍ନ କରେ ସେପର୍ଯ୍ୟନ୍ତ ସେ ଯୁବକ । ଏପରି ଆଶାବାଦୀ ପ୍ରଯତ୍ନଶୀଳ ବ୍ୟକ୍ତି ବହୁତ ପରିମାଣରେ ରୋଗ ତଥା ବୃଦ୍ଧତ୍ୱରୁ ମୁକ୍ତ ରହିଥାଆନ୍ତି । ସେମାନଙ୍କର ବୃଦ୍ଧି ହୁଏ ଧୈର୍ଯ୍ୟ, ସାହସ, ଉତ୍ସାହ । ତୁଳନାତ୍ମକରୂପେ କମ୍ ପରିମାଣରେ ହ୍ରାସ ହୁଏ ଶରୀର-ଶକ୍ତି । ଏହାର ବିପରୀତ ଭୋଗନ୍ତି ନିରାଶବାଦୀ, ଭଗ୍ନମନୋରଥ, କର୍ମବିମୁଖ, ପ୍ରଯତ୍ନରହିତ ବ୍ୟକ୍ତି । ଏମାନେ ଯୁବାବସ୍ଥାରେ ବୃଦ୍ଧ, ଜୀବନ ଥିବା ଅବସ୍ଥାରେ ମୃତ । ଜୀବନ କେବଳ ବିକାଶ ସକାଶେ । ବିକାଶ ସ୍ଥଗିତ ହେଲେ ଜୀବନ ହୁଏ ନିରର୍ଥକ । ଏପରି ବ୍ୟକ୍ତିର ଉତ୍ପନ୍ନ ହୁଏ ନାନା ପ୍ରକାର ରୋଗ, ମନରେ ଆସେ ଦୁଶ୍ଚିନ୍ତା, ଅଶାନ୍ତି, ପ୍ରାଣ ହୁଏ ଅସ୍ଥିର, ଉଦ୍‌ବେଗପୂର୍ଣ୍ଣ, ଜୀବନ ହୁଏ ଭାରସ୍ୱରୂପ । ଆଶାବାଦୀ ପ୍ରଯତ୍ନଶୀଳ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଶକ୍ତି ବୃଦ୍ଧି ହୁଏ, ଆତ୍ମା ଜାଗ୍ରତ୍ ହୁଏ । ନିରାଶାବାଦୀ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଶକ୍ତି ହ୍ରାସ ହୁଏ, ଆତ୍ମା ଆବୃତ ହୁଏ । ପ୍ରତ୍ୟେକ ବ୍ୟକ୍ତି ପ୍ରଯତ୍ନଶୀଳ ଏବଂ ଆଶାବାଦୀ ହେବା ଉଚିତ । ଏହା ଆବାଳବୃଦ୍ଧବନିତା ପ୍ରତ୍ୟେକ ବ୍ୟକ୍ତି ସକାଶେ ଆବଶ୍ୟକ । କିନ୍ତୁ ଛାତ୍ରଛାତ୍ରୀମାନଙ୍କ ସକାଶେ ଆଶାବାଦୀ ହେବା ଏକାନ୍ତ ଅନିବାର୍ଯ୍ୟ । ଛାତ୍ରଛାତ୍ରୀମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ଆଶାବାଦୀ ହେବା । ଦ୍ୱିତୀୟରେ ନିଜ ମନ, ପ୍ରାଣ, ଶରୀର ତଥା ଆତ୍ମବିକାଶର ଯଥାର୍ଥ ପ୍ରଯତ୍ନ କରିବା । ଏହା ହୋଇପାରେ ଛାତ୍ରଜୀବନରେ ।

ମନ, ପ୍ରାଣ ତଥା ଆତ୍ମା ସ୍ଥୂଳ ଶରୀରରେ ଏକତ୍ରିତ ହେଲେ ବ୍ୟକ୍ତି ଜୀବନ ପ୍ରାପ୍ତ କରି ସଂସାରରେ କର୍ମ କରେ ।

ଜୀବନ ତଥା କର୍ମର ଆଧାର ଶରୀର । ଶରୀର ଦୃଢ଼ ହେଲେ ସେ ରୋଗଗ୍ରସ୍ତ ହୁଏ ନାହିଁ, ଶାରୀରିକ କାର୍ଯ୍ୟ କରିପାରେ, ପ୍ରାଣ ଦୃଢ଼, ବିକଶିତ ତଥା ଶୁଦ୍ଧ ହେଲେ ଶରୀର ସାହାଯ୍ୟରେ ଆଶ୍ଚର୍ଯ୍ୟଜନକ କର୍ମ କରିପାରେ, ମନ ଓ ବୁଦ୍ଧି ଦୃଢ଼, ଶୁଦ୍ଧ, ନମନୀୟ, ବିକାଶୋନ୍ମୁଖୀ ହେଲେ କର୍ମର କୌଶଳ ବତାଏ; ଶରୀର ତଥା ପ୍ରାଣକୁ ବହୁତ ଅଂଶରେ ନିୟନ୍ତ୍ରଣ କରେ । ଆତ୍ମବିକାଶ ହେଲେ ସେ ଶରୀରର ନେତା ହୁଏ । ମନ, ପ୍ରାଣ, ଶରୀରକୁ ଶୁଦ୍ଧ କରେ, ନିୟନ୍ତ୍ରଣ କରେ ଏବଂ ସର୍ବାଙ୍ଗୀନ ଉନ୍ନତିର ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଏହି ଚାରି ସତ୍ତା ମଧ୍ୟରୁ ଗୋଟିକୁ ବାଦ୍‌ଦେଲେ ଜୀବନ ଅପୂର୍ଣ୍ଣ ହୁଏ । କିନ୍ତୁ ସମସ୍ତ ସତ୍ତାର ବିକାଶ ହୋଇଥିବା ସତ୍ତ୍ୱେ ଯଦି ଆତ୍ମବିକାଶ ବାଦ୍ ଦିଆହୁଏ, ତେବେ ବ୍ୟକ୍ତିର ଅନ୍ୟାନ୍ୟ ବିକଶିତ ସତ୍ତାସବୁ ବ୍ୟକ୍ତିକୁ ବିପରୀତ ମାର୍ଗରେ ନେଇ ଅଧଃପତନ କରାନ୍ତି । ଏହି ଚାରି ସତ୍ତାର ବିକାଶ ଓ ପୂର୍ଣ୍ଣତା ପ୍ରାପ୍ତ ହୁଏ ଅଧ୍ୟାତ୍ମ ସତ୍ୟ ଆଧାରରେ – ନିୟମିତ ଶାରୀରିକ ବ୍ୟାୟାମ, ବିଦ୍ୟାଧ୍ୟୟନ ତଥା ଯଥାର୍ଥ ପ୍ରଣାଳୀରେ ଶାରୀରିକ କର୍ମ କରିବାରେ । ଜୀବନର ଏହି ସର୍ବାଙ୍ଗୀନ ଉନ୍ନତିର ଶିକ୍ଷା ଦେବାସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି ଏବଂ ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ସ୍ଥାପନ କରିଛନ୍ତି । ଆମ୍ଭେମାନେ ତାଙ୍କରି ଆଦର୍ଶ ଗ୍ରହଣ କଲେ ସହଜରେ ପୂର୍ଣ୍ଣ ଜୀବନ ପ୍ରାପ୍ତ କରିପାରିବା ।

ସୃଷ୍ଟିର କ୍ରମବିକାଶ ଚାଲୁଛି ଜଡ଼ରୁ ମନ ପର୍ଯ୍ୟନ୍ତ ଅଜ୍ଞାନ ସ୍ତରରେ । ଏହି ଅଜ୍ଞାନତା ଯୋଗୁଁ ଆମ୍ଭେମାନେ ଜୀବନର ସର୍ବାଙ୍ଗୀନ ବିକାଶ ସମ୍ବନ୍ଧେ ସଚେତନ ହୋଇପାରି ନ ଥିଲୁ । ବର୍ତ୍ତମାନ ମନର ବିକାଶ ଶେଷ ଅବସ୍ଥାରେ । ଏହାପରେ ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ-ଚେତନା । ବିକାଶ ଗତି କରିବ ଅଜ୍ଞାନରୁ ବିଜ୍ଞାନ ସ୍ତରରେ । ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେବ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମାର ନେତୃତ୍ୱରେ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏହିମାନେ ହେବେ ନୂତନ ସତ୍ୟଯୁଗର ଅଗ୍ରଦୂତ ।

ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ଚିରାଚରିତ, ସଙ୍କୁଚିତ, ସୀମିତ ପନ୍ଥାକୁ ବିଶାଳ ବ୍ୟାପକତାରେ ପରିଣତ କରିବାକୁ ହେବ । ଅର୍ଥାତ୍ ବିଦ୍ୟାଧ୍ୟୟନ ଦ୍ୱାରା ମାନସିକ ବିକାଶ ସଙ୍ଗେ, ଶରୀର, ପ୍ରାଣ ତଥା ଆତ୍ମାର ପୂର୍ଣ୍ଣ ବିକାଶ ସକାଶେ ପ୍ରଯତ୍ନ କରିବାକୁ ହେବ । ଏହି ସମଗ୍ର ସତ୍ତା ପୂର୍ଣ୍ଣରୂପେ ବିକଶିତ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶଗ୍ରହଣପୂର୍ବକ ବିଦ୍ୟାଧ୍ୟୟନ କରିବାରେ । କାରଣ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହୁଏ । ବ୍ୟକ୍ତି ଏହାକୁ ଆଦର୍ଶ ବା ଲକ୍ଷ୍ୟରୂପେ ଗ୍ରହଣ କଲେ ସେ କ୍ରମଶଃ ଅଧିକାଧିକ ଭାବେ ସମସ୍ତ ସତ୍ତାର ପୂର୍ଣ୍ଣତା ଦିଗରେ ଗତିକରେ । ଏହି ସକାଶେ ସୁବିଧା ଅନୁସାରେ ଛାତ୍ରଛାତ୍ରୀମାନେ ସ୍କୁଲ, ଛାତ୍ରାବାସ ବା ଗ୍ରାମରେ 'ଶ୍ରୀଅରବିନ୍ଦ ଛାତ୍ରସାମଜ' ସ୍ଥାପନ କରନ୍ତୁ । ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସପ୍ତାହରେ କୌଣସି ନିର୍ଦ୍ଦିଷ୍ଟ ଦିନ ତଥା ନିର୍ଦ୍ଦିଷ୍ଟ ସମୟରେ ଏକତ୍ର ହୁଅନ୍ତୁ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋ କୌଣସି ଉତ୍ତମ ସ୍ଥାନରେ ବା ଚୌକି ଉପରେ ଶୁଦ୍ଧ ବସ୍ତ୍ର ଉପରେ ପ୍ରତିଷ୍ଠା କରନ୍ତୁ । ପୁଷ୍ପ, ଧୂପ ଦିଅନ୍ତୁ । ପ୍ରଥମରେ କେତେ ମିନିଟ ସମସ୍ତେ ନୀରବ ପ୍ରାର୍ଥନା ଧ୍ୟାନ କରନ୍ତୁ । ପରେ ଜଣେ ନିମ୍ନଲିଖିତ ବହି କ୍ରମଶଃ ପଢ଼ନ୍ତୁ, ଅନ୍ୟମାନେ ଶୁଣନ୍ତୁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂପୂର୍ଣ୍ଣରୂପେ ନୀରବତା ପାଳନ କରନ୍ତୁ । କୌଣସି ଗପ ବା କଥାବାର୍ତ୍ତା ଏକେବାରେ ନିଷେଧ । ଯେଉଁମାନେ ଯୋଗ ଦେଇଥିବେ ସେମାନଙ୍କ ନାମ ଗୋଟିଏ କାଗଜରେ ଲେଖି ରଖନ୍ତୁ । ମାସ ଶେଷରେ ଚାରୋଟି ଯାକ ରିପୋର୍ଟ 'ନବଜ୍ୟୋତି କାର୍ଯ୍ୟାଳୟ'କୁ ପଠାଇ ଦିଅନ୍ତୁ । ଉତ୍ତର ପାଇବାକୁ ଚାହିଁଲେ ଷ୍ଟାମ୍ପ ପଠାନ୍ତୁ । ଏହି ରିପୋର୍ଟ ପଠାଇବା ଦ୍ୱାରା ଆଶ୍ରମ ସଙ୍ଗେ ଗୋଟିଏ ସ୍ଥୂଳ ସମ୍ବନ୍ଧ ରହିବ ଏବଂ ଅନ୍ୟାନ୍ୟ 'ଶ୍ରୀଅରବିନ୍ଦ ଛାତ୍ରସମାଜ' ତଥା 'ଶ୍ରୀଅରବିନ୍ଦ ପାଠଚକ୍ର'ରେ ହେଉଥିବା ଅନୁଷ୍ଠାନର ଖବର ପାଇପାରିବ । ଏହାରି ଦ୍ୱାରା ଓଡ଼ିଶାର ସମସ୍ତ 'ଶ୍ରୀଅରବିନ୍ଦ ଛାତ୍ରସମାଜ' ତଥା ସମସ୍ତ 'ଶ୍ରୀଅରବିନ୍ଦ ପାଠଚକ୍ର' ସହିତ ସମ୍ପର୍କ ସ୍ଥାପିତ ହୋଇପାରିବ ।

## ପଠନୀୟ ପୁସ୍ତକତାଲିକା

'କିଏ ଏଇ ମା', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଗାର୍ହସ୍ଥ୍ୟ ଧର୍ମ', 'ଦିବ୍ୟଯୁଗ-ସ୍ଥାପନାରେ ନାରୀ', 'ମା'ଙ୍କ ଆଶୀର୍ବାଦ', 'ଛାତ୍ର-ଜୀବନରେ ଉନ୍ନତିର ମାର୍ଗ', 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ଓ ଲୋକ-ସାହିତ୍ୟର ଅନ୍ୟାନ୍ୟ ବହି ।

## ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୁସ୍ତକାବଳୀ

ମା, ଯୋଗାଧାର, ଯୋଗପ୍ରଦୀପ, ସର୍ବୋତ୍ତମ ଆବିଷ୍କାର, ଯୋଗ ସମନ୍ୱୟ ଇତ୍ୟାଦି ।

ସର୍ବାଙ୍ଗୀନ ଶିକ୍ଷାରେ ଜୀବନ ପୂର୍ଣ୍ଣତାପ୍ରାପ୍ତ ହୁଏ । ଶିକ୍ଷା ଯେତେ ବ୍ୟାପକ ହୁଏ ଜୀବନ ସେତେ ମହାନ୍, ବିଶାଳ, ସମୃଦ୍ଧ ଏବଂ ଐଶ୍ୱର୍ଯ୍ୟ-ଜ୍ଞାନ-ଆନନ୍ଦ-ଶାନ୍ତି-ସାମର୍ଥ୍ୟଯୁକ୍ତ ହୁଏ । ବ୍ୟକ୍ତିର ଜୀବନବିକାଶ ଅନୁସାରେ ସେ ନିଜର, ପରିବାର, ଗ୍ରାମ, ଦେଶ ଓ ଜଗତର ହିତସାଧନ କରିପାରେ । ବ୍ୟକ୍ତି ଛାତ୍ରାବସ୍ଥାରେ ଯେଉଁ ଭଲ, ମନ୍ଦ ଆଂଶିକ ବା ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତ କରେ ତାହା ବିକଶିତ ହୋଇ ଜୀବନକୁ ସର୍ବାଙ୍ଗସୁନ୍ଦର ଅଥବା ଅଙ୍ଗହୀନ କରି ଗଢ଼ିତୋଳେ । ଛାତ୍ରାବସ୍ଥାହିଁ ଯଥାର୍ଥରେ ଜୀବନବିକାଶର ମହତ୍ତ୍ୱପୂର୍ଣ୍ଣ ଭିତ୍ତି । ଜୀବନର ଶିକ୍ଷାଭିତ୍ତିକୁ ଯଥାର୍ଥ ତଥା ସର୍ବାଙ୍ଗୀନ କରା ନ ହେବାରୁ ବ୍ୟକ୍ତି ସ୍ୱୟଂ ଚାହୁଁଥିବା ଦୁଃଖବିହୀନ ପରମ ସୁଖ-ଶାନ୍ତି-ଐଶ୍ୱର୍ଯ୍ୟ-ଜ୍ଞାନ ପ୍ରାପ୍ତ କରିପାରୁ ନାହିଁ କିଂବା ଦେଶ ତଥା ଜଗତର ସର୍ବାଙ୍ଗୀନ ହିତସାଧନ ହୋଇ ପାରୁ ନାହିଁ ।

ବ୍ୟକ୍ତିଜୀବନର ଆଧାର ମନ, ପ୍ରାଣ, ଶରୀର ତଥା ଆତ୍ମା । ଏହି ଚାରିସତ୍ତାର ସଂଯୋଗରେ ବ୍ୟକ୍ତି ଜୀବିତ ରହି କର୍ମ କରେ । ଏହି ଚାରିଟି ପରସ୍ପରସମ୍ବନ୍ଧିତ ଏବଂ କୃଷିବେଉଷଣ ସଦୃଶ ପରସ୍ପର ପରିପୂରକ । ଉତ୍ତମରୂପେ ଚାଷ, ଖତ, ସମୟ ଅନୁସାରେ ଆବଶ୍ୟକ ଜଳ ଦେଲେ କୃଷି ଉତ୍ତମ ଫଳ ଦିଏ । ଚାଷ, ଖତ, ଜଳ ମଧ୍ୟରୁ କୌଣସି ଗୋଟିକୁ ବାଦ୍ ଦେଲେ ଯେପରି ଫଳ ଉତ୍ତମ ଆଶାନୁରୂପ ହୁଏ ନାହିଁ, ସେହିପରି ଛାତ୍ର ମନ, ପ୍ରାଣ, ଶରୀର ତଥା ଆତ୍ମା ମଧ୍ୟରୁ କୌଣସି ଗୋଟିଏ ସତ୍ତାର ଶିକ୍ଷାକୁ ବାଦ୍ ଦେଲେ ଜୀବନ ସବଳ, ନୀରୋଗ ହୁଏ ନାହିଁ, କିଂବା ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ ନାହିଁ, ବରଂ ଲକ୍ଷ୍ୟମାର୍ଗ ଛାଡ଼ି ସେ ବିପଥରେ ଗମନ କରେ । ସୃଷ୍ଟି ଆରମ୍ଭରୁ ଏ ପର୍ଯ୍ୟନ୍ତ ବ୍ୟକ୍ତିର ମନ, ପ୍ରାଣ, ଶରୀର ତଥା ଆତ୍ମା — ଏହି ସମଗ୍ର ସତ୍ତାର ଶିକ୍ଷା ଦିଆହୋଇ ନାହିଁ । ସେହି କାରଣରୁ ଜୀବନ ଅପୂର୍ଣ୍ଣ ରହୁଅଛି ଏବଂ ଦେଶ ଦୁଃଖକଷ୍ଟ ଦରିଦ୍ରତା ଭୋଗ କରୁଅଛି ।

## ଶରୀର

ପ୍ରାଣ, ମନ ତଥା ଆତ୍ମାର ପ୍ରେରଣାରେ ଶରୀର ଦ୍ୱାରା କର୍ମ ସାଧିତ ହୁଏ । ସେ ଜଡ଼, ତା'ର କର୍ମ ଶକ୍ତିର ଅଭାବ, କିନ୍ତୁ ସେ ମନ, ପ୍ରାଣ ଓ ଆତ୍ମାର ଆଧାର । ସ୍ଥୂଳଶରୀରର ଆଶ୍ରୟ ବିନା ଏହିସବୁ ସତ୍ କର୍ମ କରିବାରେ ଅସମର୍ଥ । ଶରୀର ଅତ୍ୟନ୍ତ ନିରୀହ, ମନ-ପ୍ରାଣର କ୍ରୀତଦାସ । ମନ-ପ୍ରାଣ ନିଜ ନିଜ ବାସନା କାମନା ପୂର୍ଣ୍ଣ କରିବା ସକାଶେ ତା' ଉପରେ ସର୍ବଦା ଅତ୍ୟାଚାର କରନ୍ତି, ପ୍ରାଣ ସ୍ୱଭାବତଃ ଅସୁର, ସ୍ୱାଦ ଲାଳସା ଯୋଗୁଁ ଶରୀରର ଆବଶ୍ୟକରୁ ଅଧିକ ଅନିୟମିତ ଉଦରର ପ୍ରତିକୂଳ ଭୋଜନ କରାଏ । ଶରୀରର ଯୋଗ୍ୟତା ଅଯୋଗ୍ୟତାକୁ ବିଚାର ନ କରି ଭୋଗବାସନା ପୂର୍ଣ୍ଣ କରେ; ଅଧିକାର, ନେତୃତ୍ୱ ରକ୍ଷା କରିବା ସକାଶେ ଶରୀର ପାଇଁ ବିଶ୍ରାମର ନିର୍ଦ୍ଦିଷ୍ଟ ସମୟ ପ୍ରତି ଦୃଷ୍ଟି ଦିଏ ନାହିଁ । ବୁଦ୍ଧି ଅତ୍ୟନ୍ତ ତୀବ୍ର ହୋଇଥିବା ସତ୍ତ୍ୱେ ଆତ୍ମାଲୋକ ଅଭାବରୁ ପ୍ରାଣର ଆଦେଶ ଅନୁସାରେ ଶରୀର ପ୍ରତି ଭୃକ୍ଷେପ ନ କରି କର୍ମ କୌଶଳ ବଢ଼ାଏ । ଏହିମାନଙ୍କ ଅତ୍ୟାଚାରରେ ଶରୀର ରୋଗଗ୍ରସ୍ତ ହେଲେ ଉଦ୍ଦଣ୍ଡ ପ୍ରାଣ,

ତୀବ୍ର ବୁଦ୍ଧି କର୍ମ କରିପାରନ୍ତି ନାହିଁ । କର୍ମ କରିବା ସକାଶେ ଶରୀରକୁ ସୁସ୍ଥ ସବଳ ରଖିବା ଏକାନ୍ତ ଆବଶ୍ୟକ । ସୁସ୍ଥ ଶରୀର ବିନା ସାଂସାରିକ କାର୍ଯ୍ୟ ସମ୍ପନ୍ନ ହୁଏ ନାହିଁ, କିଂବା ଅଧ୍ୟାତ୍ମ ସିଦ୍ଧି ପ୍ରାପ୍ତ ହୁଏ ନାହିଁ । ଏକ ସଙ୍ଗରେ ବ୍ୟକ୍ତିର ଶରୀର, ମନ, ପ୍ରାଣ ତଥା ଆତ୍ମାର ଶିକ୍ଷା ଦ୍ୱାରା ତା'ର ସର୍ବାଙ୍ଗୀନ ବିକାଶ ହୁଏ ଏବଂ ସେ ମହାନ୍ ଅସାଧାରଣ କାର୍ଯ୍ୟ କରିପାରେ, ତଥା ସଂସାରର ସ୍ଥାୟୀ ହିତସାଧନା କରେ । ଅନ୍ୟାନ୍ୟ ସତ୍ତାର ଶିକ୍ଷାକୁ ବାଦ୍ ଦେଇ ଅଥବା ଗୌଣ ସ୍ଥାନ ଦେଇ ଗୋଟିଏ ସତ୍ତାର ଶିକ୍ଷାକୁ ପ୍ରାଧାନ୍ୟ ଦେଲେ ବ୍ୟକ୍ତିର ଜୀବନରେ ବହୁତ ତ୍ରୁଟି ରହିଯାଏ ।

## ପ୍ରାଣ

ଶାରୀରିକ ବଳ ତଥା ନୃତ୍ୟ, ସଙ୍ଗୀତ, ଶିଳ୍ପ – ଯାବତୀୟ କାରୁକାର୍ଯ୍ୟ କଳା ଏବଂ ଅସାଧାରଣ ସାହସ, ଅଲୌକିକ ଧୈର୍ଯ୍ୟ – ସମସ୍ତ ପ୍ରକାର କର୍ମଶକ୍ତି ପ୍ରାଣର । ଏହିସବୁ ଗୁଣ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ନିହିତ ଥାଏ । ସେସବୁର ବିକାଶ ହୁଏ ଶିକ୍ଷା ଦ୍ୱାରା । ବିନା ଶିକ୍ଷାରେ ବ୍ୟକ୍ତି ମଧ୍ୟରେ ଯଦି କୌଣସି ଗୁଣ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକାଶ ହୁଏ ତେବେ ସେ ଅସାଧାରଣ ବ୍ୟକ୍ତିରୂପେ ଗଣ୍ୟ ହୁଏ । ପ୍ରାଣର ଏହିସବୁ ଗୁଣଥିବା ସତ୍ତ୍ୱେ ତା'ର ବୁଦ୍ଧି, ବିବେକ ଓ ଯଥାର୍ଥ ଜ୍ଞାନର ଅଭାବ ଥାଏ । ଏହିସବୁ ଶକ୍ତିକୁ କର୍ମରେ ବିନିଯୋଗ କରିବା ସକାଶେ ସେ ସର୍ବଦା ମନ, ବୁଦ୍ଧି ଓ ଆତ୍ମାର ଆଶ୍ରିତ ।

କିନ୍ତୁ ପ୍ରାଣ ମହାନ୍ ଶକ୍ତିଶାଳୀ ହେବା ସତ୍ତ୍ୱେ ସ୍ୱଭାବତଃ ବିବେକବିହୀନ । କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ହିଂସା, ଅହଂ, ସ୍ୱାର୍ଥ, ନାମ, ଯଶଃ, ଅଧିକାର ଲାଳସାରେ ସେ ପୂର୍ଣ୍ଣ । ସାଧାରଣ ଅବସ୍ଥାରେ ତା'ର ଭୃତ୍ୟ ବୁଦ୍ଧି । ବୁଦ୍ଧିକୁ ନିଜ ବଶରେ ରଖି ତାହାରି ସାହାଯ୍ୟରେ ଶରୀର ଦ୍ୱାରା କାମନାବାସନା ପୂର୍ଣ୍ଣ କରେ ଏବଂ ଯାବତୀୟ ଅନୁଚିତ କର୍ମ କରେ । କିନ୍ତୁ ଯଥାର୍ଥ ମାର୍ଗରେ ପରିଚାଳିତ ହୁଏ ଓ ଉତ୍ତମ କାର୍ଯ୍ୟ କରିପାରେ ଆତ୍ମାର ପ୍ରେରଣାରେ ।

ବୁଦ୍ଧି ଏବଂ ଆତ୍ମାର ବିକାଶ ଛଡ଼ା ପ୍ରାଣ ଅଧିକ ବିକଶିତ ନ ହୋଇଥିବା ବ୍ୟକ୍ତି ସାଧାରଣ ଅବସ୍ଥାରେ ପଶୁ ସଦୃଶ ନିଜ ଶରୀର, ପରିବାର ପାଳନପୋଷଣ, ଇନ୍ଦ୍ରିୟଭୋଗ-ବିଳାସରେ ଜୀବନ ଅତିବାହିତ କରେ । ଆତ୍ମପ୍ରଭାବ ବ୍ୟତିରେକେ ବ୍ୟକ୍ତି ପାରିପାର୍ଶ୍ୱିକ ଅବସ୍ଥା, ସାଙ୍ଗସାଥୀ ତଥା ଶିକ୍ଷାନୁସାରେ ଶାରୀରିକ ବଳର ବିକାଶରେ ପହିଲମାନ ହୁଏ ଏବଂ ଶରୀର ଉପରେ କେତେକାଂଶରେ ନିୟନ୍ତ୍ରଣ ହାସଲ କରେ । ସାଧାରଣ ନିୟମିତ ଧାରାନୁଯାୟୀ କେତେକ ପରିମାଣରେ ରୋଗ, ଜରାରୁ ମୁକ୍ତ ହୁଏ ଏବଂ ଏହି ଆଦର୍ଶ ସମାଜ ସମ୍ମୁଖରେ ରଖିପାରେ । ଆତ୍ମାର ଜାଗରଣ ବିନା କଳାଶିକ୍ଷାରେ ବ୍ୟକ୍ତି କୁସଙ୍ଗ ପ୍ରଭାବରେ କଳାର ଦୁରୁପଯୋଗ କରେ ।

ଆତ୍ମାର ବିକାଶ ବିନା ବ୍ୟକ୍ତିର ପ୍ରାଣ ଅଧିକ ଉନ୍ନତ ବା ଶକ୍ତିଶାଳୀ ହେଲେ ସେ ମନ-ବୁଦ୍ଧିକୁ ଭୃତ୍ୟ କରେ । ତାହାରି ସାହାଯ୍ୟରେ ସେ ଚୋରି, ଡକାୟତି, ହିଂସା, ଲଢ଼ାଇ, ଝଗଡ଼ା ଇତ୍ୟାଦି ନିଷିଦ୍ଧ କର୍ମ କରେ । ବ୍ୟକ୍ତିର ଯଦି ପ୍ରାଣଶକ୍ତି ଅଧିକ ପ୍ରବଳ ହୋଇଥାଏ, ବୁଦ୍ଧି ଯଦି ମହାନ୍ ଓ ତୀବ୍ର ହୋଇଥାଏ; କିନ୍ତୁ ଆତ୍ମା ଜାଗ୍ରତ୍ ହୋଇ ନ ଥାଏ ତେବେ ସେ ବ୍ୟକ୍ତି ହୁଏ ଅସୁର । ନିଜର ଅହଂ, ସ୍ୱାର୍ଥ, ବାସନାକାମନା ପୂର୍ଣ୍ଣ କରିବା ସକାଶେ ବହୁ ବ୍ୟକ୍ତିଙ୍କୁ ପୀଡ଼ା ଦିଏ । ବହୁ ବ୍ୟକ୍ତିଙ୍କୁ ହତ୍ୟା କରେ, ବହୁ ଦେଶକୁ ଅଧିକାର କରେ, ନିଜ ସିଦ୍ଧାନ୍ତ ନିଜ ଦେଶରେ ବା ଅନ୍ୟ ଦେଶରେ ପ୍ରତିଷ୍ଠା କରିପାରେ ।

ଏହିପରି ପ୍ରାଣ ମହାନ୍ ଓ ଶକ୍ତିଶାଳୀ ଏବଂ ବୁଦ୍ଧି ତୀବ୍ର ଥିବା ବ୍ୟକ୍ତିଙ୍କର ଯଦି ନିଜ ଅଜ୍ଞାତରେ ଆତ୍ମାର ପ୍ରଭାବ କିଛି ଅଂଶରେ ତାଙ୍କ ମନ-ପ୍ରାଣ ଉପରେ ପଡ଼େ ତେବେ ତାଙ୍କର ବିବେକ ଉତ୍ପନ୍ନ ହୁଏ । ସେମାନେ ହୁଅନ୍ତି ନୀତିବାଦୀ, ବିବେକ ଦ୍ୱାରା ସେମାନଙ୍କ ବୁଦ୍ଧି ଉଦ୍ଭାସିତ ହେବାରୁ ସେମାନଙ୍କ ବୁଦ୍ଧି ଆଉ ପ୍ରାଣର କାମନାବାସନା ପୂର୍ଣ୍ଣ କରିବାର ଭୃତ୍ୟ ହୋଇ ରହେ ନାହିଁ, ବିବେକଯୁକ୍ତ ବୁଦ୍ଧି ହୁଏ ପ୍ରାଣର କେତେକାଂଶରେ ସ୍ୱାମୀ, ପ୍ରାଣର ଅନୁଚିତ ବାସନାକାମନା ପୂର୍ଣ୍ଣ କରିବାର ଯନ୍ତ୍ର ନ ହୋଇ ତାକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବାକୁ ଚେଷ୍ଟା କରେ । ଏହିପରି ନୀତିବାଦୀ ବ୍ୟକ୍ତି

ଅସୁର ହୁଅନ୍ତି ନାହିଁ । ନିଜର ଏବଂ ଅନ୍ୟର ତଥା ନିଜ ଦେଶ ତଥା ଅନ୍ୟ ଦେଶର ହିତସାଧନ କରିବାକୁ ଚେଷ୍ଟା କରନ୍ତି । କେତେକ ପରିମାଣରେ ସଫଳ ବି ହୁଅନ୍ତି । କିନ୍ତୁ ଏଥିରେ ତାଙ୍କର ଅହଂ ଓ ସ୍ୱାର୍ଥ ଦୂର ହୁଏ ନାହିଁ । ଏହି ଅହଂ ଓ ସ୍ୱାର୍ଥ ଥିବା ଯୋଗୁଁ ତାଙ୍କ ଦ୍ୱାରା ଜଗତରେ କୌଣସି ସ୍ଥାୟୀ ହିତ ସାଧିତ ହୁଏ ନାହିଁ ।

ବ୍ୟକ୍ତିର ପ୍ରାଣଶକ୍ତି ମହାନ୍, ପ୍ରବଳ ଥାଇ, ବୁଦ୍ଧିବିକାଶ ଯଦି ଅନ୍ୟ ବ୍ୟକ୍ତି ତୁଳନାରେ କମ୍ ଥାଏ, ତେବେ ସେ ନେତା ହୋଇପାରେ; ତଥା ନିଜଠାରୁ ଅଧିକ ବୁଦ୍ଧିବିକାଶ ହୋଇଥିବା ବ୍ୟକ୍ତିକୁ ନିଜ ଅଧିକାରରେ ରଖି ତା'ର ପରାମର୍ଶ ଦ୍ୱାରା କାର୍ଯ୍ୟ କରିପାରେ । ଯେଉଁ ବ୍ୟକ୍ତିର ପ୍ରାଣଶକ୍ତି ପ୍ରବଳ ନ ଥାଇ ବୁଦ୍ଧି ଖୁବ୍ ତୀବ୍ର ଥାଏ ସେ ଅନ୍ୟ ଉପରେ ଅଧିକାର ବିସ୍ତାର କରିପାରେ ନାହିଁ କିଂବା ନେତା ହୋଇ ପାରେ ନାହିଁ; ଓକିଲ ହୋଇପାରେ, ବିଜ୍ଞାନବେତ୍ତା ହୋଇ ଆଶ୍ଚର୍ଯ୍ୟଜନକ ନୂତନ ବସ୍ତୁ ଆବିଷ୍କାର କରିପାରେ । ଅନ୍ୟ ଉପରେ ନିଜ ପ୍ରଭାବ ପକାଇବା କାର୍ଯ୍ୟ ପ୍ରାଣଶକ୍ତିର । ଏହି ପ୍ରାଣଶକ୍ତି ଆତ୍ମା ଦ୍ୱାରା ନିୟନ୍ତ୍ରିତ ତଥା ପରିଚାଳିତ ହେଲେ ଜଗତର ସମସ୍ତ ପ୍ରକାର ହିତସାଧନ କରିପାରେ । ଆତ୍ମନିୟନ୍ତ୍ରଣ ଛଡ଼ା ପ୍ରାଣର ଯେଉଁ ଗୁଣ ବିକଶିତ ହୋଇଥାଏ ବ୍ୟକ୍ତି ତାହାକୁ ନିଜର ସ୍ୱାର୍ଥ, ଅହଂ ଓ ବାସନା ପୂର୍ଣ୍ଣ କରିବାରେ ପ୍ରୟୋଗ କରେ ।

## ମନ-ବୁଦ୍ଧି

ମନ-ବୁଦ୍ଧି ଯୁକ୍ତିତର୍କ ଓ କର୍ମକୌଶଳରେ ନିପୁଣ । ଭୌତିକ ଜଗତରେ ବୁଦ୍ଧିର ସ୍ଥାନ ଅତ୍ୟନ୍ତ ଉନ୍ନତ । ବୁଦ୍ଧି ଓ ପ୍ରାଣ ସାହାଯ୍ୟରେ ଶରୀର ଦ୍ୱାରା ବ୍ୟକ୍ତି ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିପାରେ । ସେ ଆକାଶରେ ଉଡ଼ିପାରେ, ଜଳ ଭିତରେ ଗୃହ ନିର୍ମାଣ କରିପାରେ, ଗ୍ରହ ଉପଗ୍ରହରେ ପହଞ୍ଚି ପାରେ । ଭୌତିକ ପ୍ରକୃତିକୁ ସେ କେତେକାଂଶରେ ଅଧିକାର ପରିପାରେ । ବୁଦ୍ଧି ଖୁବ୍ ଉନ୍ନତ ହେବା ସତ୍ତ୍ୱେ ତା'ର ଜ୍ଞାନ ସୀମିତ ହୋଇଥାଏ । ସ୍ଥୂଳ ବସ୍ତୁ ଛଡ଼ା ତାହାର ସୂକ୍ଷ୍ମ ଜ୍ଞାନର ଅଭାବ ଥାଏ । ବୁଦ୍ଧି ଏତେ ତୀବ୍ର ହେବା ସତ୍ତ୍ୱେ ସେ ସ୍ୱଭାବତଃ ଶକ୍ତିହୀନ । ଅତ୍ୟନ୍ତ ବୁଦ୍ଧିଥିବା ବ୍ୟକ୍ତିର ଯଦି ପ୍ରାଣଶକ୍ତି ପ୍ରବଳ ନ ଥାଏ ତେବେ ସେ ପ୍ରାଣପ୍ରଧାନ ବ୍ୟକ୍ତିର ନେତୃତ୍ୱ ଅଧୀନରେ ରହି ପରାମର୍ଶ ଦେଇପାରେ, ନେତା ହୋଇପାରେ ନାହିଁ ।

ବ୍ୟକ୍ତିର ଯଦି ମନ-ବୁଦ୍ଧିର ବିକାଶ ସହିତ ପ୍ରାଣ ଶକ୍ତିଶାଳୀ ଥାଏ ଏବଂ ସେ ଅଜ୍ଞାତରେ ଆତ୍ମାର ସ୍ପର୍ଶପାଏ, ତେବେ ସେ କେତେକାଂଶରେ ସମାଜର ହିତସାଧନ କରେ ତଥା ଦେଶର ଉନ୍ନତିସାଧନ କରେ । କିନ୍ତୁ ବୁଦ୍ଧି ଯଦି ଜ୍ଞାତସାରରେ ଆତ୍ମାର ସ୍ପର୍ଶ ପାଏ ତେବେ ତା'ର ବିବେକଜ୍ଞାନ ଉତ୍ପନ୍ନ ହୁଏ । ସେ ମନ-ପ୍ରାଣ ଦ୍ୱାରା ଆଉ ଅସତ୍ ମାର୍ଗରେ ପରିଚାଳିତ ନ ହୋଇ ପ୍ରାଣକୁ ଉତ୍ତମ କାର୍ଯ୍ୟରେ ଲଗାଏ, ଉତ୍ତମ ମାର୍ଗରେ ପରିଚାଳିତ କରେ । ବ୍ୟକ୍ତି ସମାଜ ତଥା ଦେଶରେ ସତ୍ୟପ୍ରତିଷ୍ଠା କରିବାକୁ ଚେଷ୍ଟାକରେ । ବୁଦ୍ଧି ଆତ୍ମାର ପ୍ରଭାବ ଯେତେ ପରିମାଣରେ ଗ୍ରହଣ କରୁଥାଏ ସେହି ପରିମାଣରେ ସେ ହେଉଥାଏ ପ୍ରାଣର ସ୍ୱାମୀ । ପ୍ରାଣର ବାସନା କାମନା ପୂର୍ଣ୍ଣ କରିବାକୁ ଓ ଅବାଞ୍ଛିତ କାର୍ଯ୍ୟ କରିବାକୁ ନିଷେଧ କରିଦିଏ । ଯେତେବେଳେ ସେ ପୂର୍ଣ୍ଣରୂପେ ଆତ୍ମପ୍ରଭାବକୁ ଗ୍ରହଣ କରେ ଏବଂ ଆତ୍ମଧର୍ମରେ ରୂପାନ୍ତରିତ ହୁଏ ସେତେବେଳେ ସେ ପୂର୍ଣ୍ଣରୂପେ ହୁଏ ପ୍ରାଣର ସ୍ୱାମୀ । ଆତ୍ମପ୍ରଭାବ ଗ୍ରହଣ କରିବାକୁ ସେ ପ୍ରାଣକୁ ବାଧ୍ୟ କରେ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ ଆତ୍ମଧର୍ମରେ ରୂପାନ୍ତରିତ ହେଲେ । ଯେପର୍ଯ୍ୟନ୍ତ ଏହି ରୂପାନ୍ତର ନ ହୁଏ ସେପର୍ଯ୍ୟନ୍ତ ବ୍ୟକ୍ତିର କର୍ମ ସର୍ବାଙ୍ଗସୁନ୍ଦର ହୁଏ ନାହିଁ କିଂବା ସେ ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ । ତାହାର ଜୀବନ ଅପୂର୍ଣ୍ଣ ରହେ । ଶରୀର, ମନ, ପ୍ରାଣ ଓ ଆତ୍ମା – ଏହି ସତ୍ତାଗୁଡ଼ିକ ଯଦିଓ ପରସ୍ପର ଆଶ୍ରିତ ଏବଂ ପରସ୍ପରର ପରିପୂରକ, ତଥାପି ଆତ୍ମା ସେସବୁର ପ୍ରାଣ । କାରଣ ଆତ୍ମାଲୋକରେ ସେସବୁ ଆଲୋକିତ ହୁଅନ୍ତି ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ ହୁଅନ୍ତି ।

## ଆତ୍ମା

ଆତ୍ମା ବିବେକ, ଜ୍ଞାନ, ଆନନ୍ଦ, ଅନ୍ତର୍ଦ୍ଦିବ୍ୟଦୃଷ୍ଟି, ଶାନ୍ତି, ସମତା, ଅହିଂସା, ନିଃସ୍ୱାର୍ଥପରତା, ସାମଞ୍ଜସ୍ୟତା, ପରୋପକାର ଆଦି ଦିବ୍ୟ ଗୁଣରେ ବିଭୂଷିତ ଏବଂ ଭଗବତ୍‌ସ୍ୱରୂପ । ମନ, ପ୍ରାଣ, ଶରୀର ଏବଂ ଆତ୍ମା – ଏହି ଚାରିସତ୍ତା ଆସିଛନ୍ତି ଭଗବନାଙ୍କଠାରୁ । ମନ, ପ୍ରାଣ ଓ ଶରୀର ଯଦିଓ ଭଗବତ୍ ତତ୍ତ୍ୱରୁ ଆସିଲେ ତଥାପି ଭଗବାନଙ୍କ ଇଚ୍ଛାରେ ସେସବୁ ବିକୃତ ହୋଇ ଅଜ୍ଞାନରେ ଡୁବିଗଲେ । କିନ୍ତୁ ଆତ୍ମା ରହିଲା ଅବିକୃତ ଭଗବତ୍‌ସ୍ୱରୂପରେ ଦିବ୍ୟଗୁଣ ଧାରଣ କରି ଏହି ସଂସାରର ବହୁରୂପ ମଧ୍ୟରେ ନିଜକୁ ପ୍ରକାଶ କରିବା ସକାଶେ । ସ୍ୱୟଂ ଭଗବାନ୍ ଆତ୍ମାରୂପେ ମନ, ପ୍ରାଣ ଓ ଶରୀରର ପଶ୍ଚାତରେ ସେସବୁକୁ ଧାରଣ କରି ରହିଲେ । ପ୍ରାଣ ଓ ଶରୀର ମଧ୍ୟରେ ଆତ୍ମା ଦିବ୍ୟସ୍ୱରୂପରେ ବିଦ୍ୟମାନ ଥିବାରୁ ସେସବୁ ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବାର ସମ୍ଭାବନା ରହିଲା । ଏହି ସମ୍ଭାବନାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ ଜୀବନର ପୂର୍ଣ୍ଣତା । ଏହି ଲକ୍ଷ୍ୟପ୍ରାପ୍ତିହିଁ ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ତଥା ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ ।

ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏହି ଲକ୍ଷ୍ୟର ରହସ୍ୟ ଜ୍ଞାତ ହୁଏ ଆତ୍ମାର ଜାଗରଣ ବା ବିକାଶରେ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମା ବିକଶିତ ବା ଜାଗ୍ରତ୍ ହୋଇ ନ ଥାଏ ସେପର୍ଯ୍ୟନ୍ତ ବ୍ୟକ୍ତିର ବୁଦ୍ଧି ଯେତେ ତୀବ୍ର, ପ୍ରାଣ ଯେତେ ଶକ୍ତିଶାଳୀ, ଓ ସଂସାରରେ ସେ ଯେତେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟକରୁ ପଛକେ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ସେ ସଚେତନ ହୁଏ ନାହିଁ କିଂବା ଲକ୍ଷ୍ୟସିଦ୍ଧି କରିପାରେ ନାହିଁ । ଯେପରି ଆତ୍ମାକୁ ବାଦ୍ ଦେଇ ମନ, ପ୍ରାଣ ଓ ଶରୀରର ବିକାଶରେ ବ୍ୟକ୍ତିକୁ ପରମାନନ୍ଦ, ପରମଶାନ୍ତି ପ୍ରାପ୍ତ ହୁଏ ନାହିଁ, ସେହିପରି ମନ, ପ୍ରାଣ ଓ ଶରୀରର ବିକାଶକୁ ବାଦ୍‌ଦେଇ କେବଳ ଆତ୍ମବିକାଶ ଦ୍ୱାରା ବ୍ୟକ୍ତି ସାଂସାରିକ କାର୍ଯ୍ୟ ସିଦ୍ଧ କରିପାରେ ନାହିଁ । ସେ ଗୃହସଂସାରକର୍ମ ପରିତ୍ୟାଗ କରି ସନ୍ନ୍ୟାସ ମାର୍ଗରେ ନିର୍ବାଣ, ମୁକ୍ତି ବା ଭଗବତ୍ ପ୍ରାପ୍ତି କରେ । ସଂସାର ଯେଉଁ ଦୁଃଖକଷ୍ଟରେ ଥାଏ ତାକୁ ସେହିପରି ଛାଡ଼ିଦିଏ । ଏହି ଚାରି ସତ୍ତାର ବିକାଶ ତଥା ଆତ୍ମାର ଧର୍ମରେ ମନ, ପ୍ରାଣ ଓ ଶରୀର ତା'ର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି ଓ ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରନ୍ତି ଶ୍ରୀଅରବିନ୍ଦଙ୍କ ଯୋଗରେ ।

## ଜୀବନର ଲକ୍ଷ୍ୟ

ପ୍ରତ୍ୟେକ ବ୍ୟକ୍ତି ସ୍ୱାଭାବିକ ରୂପେ ସ୍ୱତଃସ୍ଫୂର୍ତ୍ତ ଭାବରେ ଯାହା ଚାହାନ୍ତି ତାହାହିଁ ଯଥାର୍ଥରେ ଜୀବନର ଲକ୍ଷ୍ୟ । ସଂସାରର କୌଣସି ବ୍ୟକ୍ତି ଏହି ଚାହିଁବାରୁ ବାଦ୍‌ଯାଏ ନାହିଁ । ସମସ୍ତ ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ଅଖଣ୍ଡ ପରମାନନ୍ଦ ତଥା ରୋଗ, ବୃଦ୍ଧତ୍ୱରୁ ମୁକ୍ତ ଅମରତ୍ୱ । ଏହାହିଁ ନିର୍ବିବାଦରେ ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ । କୌଣସି ଗୋଟିଏ ବ୍ୟକ୍ତି ସୁଖ ସଙ୍ଗେ ଦୁଃଖ, ରୋଗ, ବୃଦ୍ଧତ୍ୱକୁ ଚାହେଁ ନାହିଁ । ବ୍ୟକ୍ତିର ମନ, ପ୍ରାଣ, ଶରୀର ଆତ୍ମଜ୍ଞାନରେ ଉଦ୍‌ଭାସିତ ହୋଇ ନ ଥିବାରୁ ତୀବ୍ରବୁଦ୍ଧି ପ୍ରଧାନ ବ୍ୟକ୍ତି, ଶାସ୍ତ୍ରଜ୍ଞ ପଣ୍ଡିତ, ଭୌତିକ-ବିଜ୍ଞାନବାଦୀ, ଦେଶର ବଡ଼ ବଡ଼ ନେତାମାନେ ବି ଜୀବନର ଏହି ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧରେ ସଚେତ ହୁଅନ୍ତି ନାହିଁ । ଶିକ୍ଷା, ପାରିପାର୍ଶ୍ୱିକ ଅବସ୍ଥା, ସଂଗ ପ୍ରଭାବରେ ଭ୍ରମବଶ ହୋଇ ସେହି ଦୁଃଖବିହୀନ ପରମ ସୁଖକୁ ସାଂସାରିକ ବସ୍ତୁ, ଚୋରି, ଡକାୟତି, ପରିବାର, ଧନ, ମହତ୍ତ୍ୱ, ଅଧିକାର ପ୍ରାପ୍ତି, ବିଦ୍ୟାର୍ଜନ, ଡାକ୍ତର, ଇଞ୍ଜିନିୟର, ବିଜ୍ଞାନବେତ୍ତା ହେବା, ଦେଶନେତା, ମନ୍ତ୍ରୀ ହେବାରେ ତଥା ଇନ୍ଦ୍ରିୟର ଭୋଗବିଳାସରେ ଖୋଜନ୍ତି । ଏହିସବୁ ବସ୍ତୁରେ ସୁଖ ସଙ୍ଗେ ଦୁଃଖ ବିଦ୍ୟମାନ ଥାଏ । ସେଥିପାଇଁ ବ୍ୟକ୍ତିର ଚାହିଁବା ପୂର୍ଣ୍ଣ ହୁଏ ନାହିଁ । ବ୍ୟକ୍ତିର ଏହି ଚାହିଁବା ଏବଂ ଏହି ଲକ୍ଷ୍ୟ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ, ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବାରେ ।

## ଛାତ୍ରମାନଙ୍କ କର୍ତ୍ତବ୍ୟ

ପ୍ର : ଆମ୍ଭେମାନେ ସ୍ୱଷ୍ଟରୂପେ ମନ, ପ୍ରାଣ, ଶରୀର ତଥା ଆତ୍ମାର ଭିନ୍ନ ଭିନ୍ନ କର୍ମ ବୁଝିପାରିଲୁ । ଏହି ଚାରିସତ୍ତାର ବିକାଶ ବିନା ଜୀବନ ପୂର୍ଣ୍ଣ ହୁଏ ନାହିଁ, ତଥା ଜୀବନରେ ଲକ୍ଷ୍ୟ ପ୍ରାପ୍ତି ବିନା ବ୍ୟକ୍ତିଜୀବନ ଦୁଃଖ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତକରି ଜନ୍ମ ମରଣରୁ ମୁକ୍ତ ହୁଏ ନାହିଁ, ଏଥିରେ ଆମ୍ଭମାନଙ୍କର ସନ୍ଦେହ ନାହିଁ ।

ଜୀବନର ନିର୍ବିବାଦରୂପେ ଲକ୍ଷ୍ୟ ମନ, ପ୍ରାଣ, ଶରୀର ସତ୍ତାରେ ଭଗବତ୍‌ପ୍ରାପ୍ତି । ଭଗବାନ୍ ପରମ ଆନନ୍ଦ, ପରମ ଶାନ୍ତି, ପରମ ସାମର୍ଥ୍ୟ । ସେ ସମଗ୍ର ସତ୍ତାରେ ଉପଲବ୍ଧ ହୁଅନ୍ତି ମନ, ପ୍ରାଣ, ଶରୀର ଦିବ୍ୟତ୍ୱରେ ରୂପାନ୍ତରିତ ହେବାରେ । କାରଣ ଭଗବାନ୍ ଦିବ୍ୟ, ସେ ଅଦିବ୍ୟ ବସ୍ତୁରେ ପ୍ରକଟ ହୋଇ ପାରନ୍ତି ନାହିଁ । ରୂପାନ୍ତରିତ ମନ, ପ୍ରାଣ, ଶରୀର ହୁଏ ପୂର୍ଣ୍ଣରୂପେ ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ । ବ୍ୟକ୍ତି ବାସକରେ ପରମାନନ୍ଦରେ । ଏହି ଲକ୍ଷ୍ୟକୁ ଅଜ୍ଞାତ ରୂପେ ସମସ୍ତ ପ୍ରାଣୀ ସୃଷ୍ଟି ଆରମ୍ଭରୁ ଚାହିଁ ଆସୁଛନ୍ତି । ଏହା ଆମ୍ଭେମାନେ ସ୍ୱଷ୍ଟରୂପେ ବୁଝିପାରିଲୁ ।

ଆମ୍ଭେମାନେ ଛାତ୍ର ଅବସ୍ଥାରେ ବିଦ୍ୟାଧ୍ୟୟନ ତଥା ସଂସାରକର୍ମ ତ୍ୟାଗ ନ କରି ଏହାକୁ କିପରି ପ୍ରାପ୍ତ କରି ପାରିବୁ ଏହାର ପ୍ରଣାଳୀ ସରଳ ଭାଷାରେ ବୁଝାଇ ଦିଅ ?

ଉ : ପଢ଼ିବା, ସ୍ନାନ, ଭୋଜନ ଇତ୍ୟାଦି ସମସ୍ତ କର୍ମ ତ୍ୟାଗ ନ କରି ମା'ଙ୍କ ସେବା ଭାବରେ କରି ମା'ଙ୍କୁ ସମର୍ପଣ କଲେ ଆମ୍ଭେ ନିଜ ଜୀବନର ଲକ୍ଷ୍ୟ ପ୍ରାପ୍ତ କରିପାରିବା । ଏଥିରେ ସାହାଯ୍ୟ କରେ ମା'ଙ୍କ ନାମ ସ୍ମରଣ ।

ନିଷ୍ଠା ସହିତ ଏତିକି କଲେ ନିଷେଧ ତଥା ଜୀବନର ଅହିତକର ଦୁଃଖ, ଶୋକପ୍ରଦ କର୍ମର ତ୍ୟାଗ, ଏବଂ ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍‌ସା ମଧ୍ୟ କରିପାରିବା । ବ୍ୟକ୍ତି ଯେଉଁ ସମୟରେ ସଚେତ ହୁଏ, ସେହି ସମୟରୁ ଏହି କର୍ମ ଆଚରଣ କରିବା ଉଚିତ । ଏହି ସକାଶେ ବୟସ, ଶିକ୍ଷା ବା ଅବସ୍ଥା ନିର୍ଦ୍ଧାରିତ ନ ଥାଏ । କିନ୍ତୁ ସବୁଠାରୁ ଉତ୍ତମ ଉପଯୋଗୀ ସମୟ ବା ଅବସ୍ଥା ଛାତ୍ରମାନଙ୍କର ।

## ଛାତ୍ରମାନଙ୍କର ଶିକ୍ଷା

ବାଲ୍ୟ ଅବସ୍ଥା କୋମଳ ଲତା ସଦୃଶ ନମନୀୟ, ସୁନ୍ଦର ପୁଷ୍ପ ସଦୃଶ ଗ୍ରହଣଶୀଳ । ବାଲ୍ୟ ଅବସ୍ଥାରେ ଯେଉଁ ଶିକ୍ଷା ପ୍ରାପ୍ତହୁଏ ତାହା ସମସ୍ତ ଜୀବନରେ ବିକାଶ ହୁଏ । ସେହି ସକାଶେ ବାଲ୍ୟ ଅବସ୍ଥା କେବଳ ଶିକ୍ଷା ସକାଶେ ନିର୍ଦ୍ଧାରିତ ହୋଇଛି । କିନ୍ତୁ ଉପଯୁକ୍ତ ସମୟ ଆସି ନ ଥିବାରୁ ଆମ୍ଭେମାନେ ମନ, ପ୍ରାଣ, ଶରୀର ତଥା ଆତ୍ମାର ସର୍ବାଙ୍ଗୀନ ଶିକ୍ଷା ତ୍ୟାଗ କରି କେବଳ ମନର ବିକାଶ ସକାଶେ ବିଦ୍ୟାଧ୍ୟୟନ ଶିକ୍ଷା ଗ୍ରହଣ କରୁ, ତଦ୍ୱାରା ବୁଦ୍ଧି ବିକାଶ ହୋଇ ଶିଖରରେ ପହଞ୍ଚେ । ଅନ୍ୟ ସତ୍ତା ଅବିକଶିତ ଅନ୍ଧକାରରେ ପଡ଼ି ରହିଥାଏ । ଜୀବନ ହୋଇଥାଏ ଅପୂର୍ଣ୍ଣ । ବର୍ତ୍ତମାନ ସର୍ବାଙ୍ଗୀନ ଶିକ୍ଷାର ସମୟ ଆସିଛି, ଆସୁଥିବା ନୂତନ ଯୁଗଧର୍ମ ଅନୁସାରେ ବ୍ୟକ୍ତି ମନ ଦ୍ୱାରା ପରିଚାଳିତ ନ ହୋଇ ଅତିମାନସ ସତ୍ୟ ଦ୍ୱାରା ପରିଚାଳିତ ହେବ । ତା'ର ହେବ ଆତ୍ମଧର୍ମ । ସେହିମାନେ ହେବେ ନୂତନ ସତ୍ୟଯୁଗର ଅତିମାନବ ।

## ଶରୀର ଶିକ୍ଷା

ପୂର୍ବେ ଆଲୋଚନା ହୋଇଛି ମନ, ପ୍ରାଣ, ଆତ୍ମାର ଆଧାର ଶରୀର । ଶରୀର ଦ୍ୱାରାହିଁ କର୍ମ ସମ୍ପାଦନ ହୁଏ । ଶରୀରକୁ ସୁସ୍ଥ, ସବଳ, ନମନୀୟ ରଖିବା ସକାଶେ ଆସନ, ବ୍ୟାୟାମ ତଥା ଶାରୀରିକ କେତେକ ନିର୍ଦ୍ଦିଷ୍ଟ ନିୟମ ଛାତ୍ରଜୀବନରେ ପାଳନ କରିବା ଏକାନ୍ତ ଆବଶ୍ୟକ ।

# ଶିଶୁ ଶିକ୍ଷା

୧ : ମା'ମାନେ ଶିଶୁ ଅବସ୍ଥାରୁ ପିଲାମାନଙ୍କ ଶିକ୍ଷା ତଥା ସ୍ୱାସ୍ଥ୍ୟ ସକାଶେ ବିଶେଷ ସାବଧାନ ରହିବା ଉଚିତ । କାଖରେ କାଖେଇବା, ବାୟୁ ଯାତାୟାତ କରୁ ନ ଥିବା ଘରେ ଶିଶୁକୁ ରଖିବା ଉଚିତ ନୁହେଁ । ଖୋଲା ବାୟୁରେ ଅନ୍ତତଃ କିଛି ସମୟ ରଖିବା ଉଚିତ ।

୨ : ସାଧାରଣତଃ ମା'ମାନେ ଶିଶୁର ଉଦରକୁ ରବର ବ୍ୟାଗ୍ ମନେକରନ୍ତି, ସେଥିରେ ଖାଦ୍ୟ ଜବରଦସ୍ତି ଭର୍ତ୍ତି କରୁ ଥାଆନ୍ତି । ଶିଶୁର ଜଠରାଗ୍ନି ଦୁର୍ବଳ ହୁଏ, ନାନା ପ୍ରକାର ରୋଗ ଉତ୍ପନ୍ନ ହୁଏ । ଏହା ଭବିଷ୍ୟତ୍ ଜୀବନ ସକାଶେ ବିଶେଷ ଅହିତକର ହୁଏ । ଶିଶୁମାନଙ୍କୁ ଆବଶ୍ୟକ ଶୁଦ୍ଧ, ପରିଷ୍କାର, ସ୍ୱାସ୍ଥ୍ୟକର ଭୋଜନ ଦେବା ଉଚିତ । କ୍ଷୁଧା ଲାଗିଲେ ଅଳ୍ପ ଅଳ୍ପ କରି ଖାଦ୍ୟ ଦିଆଯାଇ ପାରେ । କିନ୍ତୁ ଏକ ସଙ୍ଗେ ଆବଶ୍ୟକରୁ ଅଧିକ ଭୋଜନ କଦାପି ଦେବେ ନାହିଁ ।

୩ : ଶିଶୁ ଅନ୍ନଭୋଜନ କରିବାକୁ ଆରମ୍ଭ କଲେ ତା'ର ଭୋଜନ ସମୟ ନିର୍ଦ୍ଦିଷ୍ଟ ରଖିବା ଉଚିତ । ବିଶେଷତଃ ପ୍ରାତଃକାଳରେ ଖାଲି ପେଟରେ ମିଠା ଦେବା ଉଚିତ ନୁହେଁ, ତଦ୍ୱାରା କ୍ଷୁଧା ପ୍ରବଳ ହୁଏ ନାହିଁ । ଅନ୍ନ ତଥା ତରକାରି ଏବଂ ଦୁଗ୍ଧରୁ ଯେଉଁ ତତ୍ତ୍ୱ ଶରୀରକୁ ମିଳେ ତାହା ମିଠା ଖାଇବା ଦ୍ୱାରା ମିଳେ ନାହିଁ । ପିଲାକୁ ମିଠା ଦେବାକୁ ହେଲେ ଭୋଜନ ପରେ ଦେଇପାର ।

୪ : ଶିଶୁ ଗର୍ଭରେ ଥିବା ସମୟରେ ଏବଂ ଅଜ୍ଞାନ ଅବସ୍ଥାରେ ତା' ସମ୍ମୁଖରେ କୌଣସି ଅସତ୍ କର୍ମ ବା ଅସତ୍ୟ, ଅଶ୍ଳୀଳ କଥାବାର୍ତ୍ତା କରିବା ଉଚିତ ନୁହେଁ । ଏହାର ପ୍ରଭାବ ଶିଶୁର ସ୍ୱଭାବରେ ପଡ଼େ ଏବଂ କୁସଂସ୍କାରରେ ପରିଣତ ହୁଏ ।

୫ : ଶିଶୁ ଚାଲିବାକୁ ଆରମ୍ଭ କଲେ, ତାହାରି ଦ୍ୱାରା ତା'ର ବ୍ୟାୟାମ ଆରମ୍ଭ ହୁଏ । ଏପରି ପ୍ରଣାଳୀରେ ଖେଳେଇବାକୁ ହେବ ଯାହା ଦ୍ୱାରା ସେ ଅଧିକ ଚାଲି ପାରିବ ବା ଦୌଡ଼ି ପାରିବ । ତିନିବର୍ଷ ବୟସ ହୋଇଗଲେ ମା'ମାନେ ଶିଶୁକୁ ଖେଳେଇବା ସମୟରେ କିଂବା ଶିଶୁ ସହିତ କଥାବାର୍ତ୍ତା କରିବା ସମୟରେ ଧାର୍ମିକ, ନୈତିକ ଶବ୍ଦ ଅଥବା ମା'ଙ୍କ ନାମ କିଂବା ଭଗବାନଙ୍କ ନାମ ଶିକ୍ଷା ଦେଇପାରନ୍ତି ।

୬ : ପାଞ୍ଚବର୍ଷରୁ ଦଶବର୍ଷ ବୟସପର୍ଯ୍ୟନ୍ତ ବାଳକ-ବାଳିକାମାନଙ୍କୁ ଚାଲିବା, ଦୌଡ଼ିବା ଏବଂ ଅଙ୍ଗପ୍ରତ୍ୟଙ୍ଗ ପରିଚାଳନା କରିବା ସକାଶେ ଖେଳର ବ୍ୟବସ୍ଥା କରିବା ଉଚିତ । ଏହି ସମୟରେ ଗଳ୍ପ ବା କାହାଣୀରୂପେ ଭକ୍ତଚରିତ୍ର, ରାମାୟଣ, ମହାଭାରତ, ଭାଗବତ ଆଦି ଗ୍ରନ୍ଥ ଏବଂ ନିର୍ଭୀକ, ସାହସୀ, ବୀର, ଯୋଦ୍ଧା, ପତିବ୍ରତାର କାହାଣୀ, ପ୍ରହ୍ଲାଦ, ଧ୍ରୁବ, ଅର୍ଜୁନ, ଭୀଷ୍ମପିତାମହ, ଶ୍ରୀରାମଙ୍କ ଆଦର୍ଶ ଚରିତ୍ର ଏବଂ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ, ପତିବ୍ରତାର ପ୍ରଭାବ ଗଳ୍ପରୂପେ ଶୁଣେଇବା ଉଚିତ ।

୭ : ଛାତ୍ରଛାତ୍ରୀମାନେ ଦଶବର୍ଷ ବୟସରେ ସ୍କୁଲର ବ୍ୟାୟାମଶାଳାରେ ଅଭିଜ୍ଞ ଶିକ୍ଷକଙ୍କ ନିର୍ଦ୍ଦେଶରେ ବ୍ୟାୟାମ ଓ ଆସନ କରିପାରନ୍ତି । ଏହାର ସୁଯୋଗ ନ ଥିଲେ ସ୍ୱୟଂ ନିଜ ଘରେ 'ଛାତ୍ରଜୀବନରେ ଉନ୍ନତିର ମାର୍ଗ', 'ଦିବ୍ୟଯୁଗ ସ୍ଥାପନାରେ ନାରୀ' ଏବଂ 'ପୂର୍ଣ୍ଣାଙ୍ଗ ଜୀବନରେ ଶରୀର ଚର୍ଚ୍ଚା' ପୁସ୍ତକରେ ଆଲୋଚିତ ହୋଇଥିବା ଆସନ ତଥା ବ୍ୟାୟାମ କରିପାରନ୍ତି । ସେଥିରେ ସମସ୍ତ ନିୟମ ଉଲ୍ଲେଖ କରା ହୋଇଛି । ନିୟମ ପଢ଼ିବା ଏବଂ ପାଳନ କରିବା ଏକାନ୍ତ ଆବଶ୍ୟକ ।

୮ : ବାଳକ ବାଳିକାମାନେ ନଅ କିଂବା ଦଶ ବର୍ଷ ବୟସରୁ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଜାଣି ତାହା ଅଖଣ୍ଡରୂପେ ପାଳନ କରିବେ । ବ୍ରହ୍ମଚର୍ଯ୍ୟ ହେଉଛି ଜୀବନର ସାରତତ୍ତ୍ୱ । ବ୍ରହ୍ମଚର୍ଯ୍ୟ ନଷ୍ଟ ନ ହେଲେ ଶରୀର ହୁଏ ବଳବାନ୍, ଦୃଢ଼; ପ୍ରାଣ ହୁଏ ସଂଯତ ଏବଂ ଶକ୍ତିଶାଳୀ; ମନ ହୁଏ ତୀବ୍ର ବୁଦ୍ଧି ଏବଂ ବିବେକଯୁକ୍ତ । ବ୍ରହ୍ମଚର୍ଯ୍ୟ ପାଳନରେହିଁ ଆତ୍ମା ହୁଏ ଜାଗ୍ରତ୍, ଜୀବନର ପରମ ଲକ୍ଷ୍ୟ ଭଗବାନ୍ ପ୍ରାପ୍ତ ହୁଅନ୍ତି । ବ୍ରହ୍ମଚର୍ଯ୍ୟ ରକ୍ଷା ବିନା ବିଶେଷତଃ କମ୍ ବୟସରେ ବ୍ରହ୍ମଚର୍ଯ୍ୟର

ନଷ୍ଟ କରିବା ଦ୍ୱାରା ଶରୀର ହୁଏ ବହୁପ୍ରକାର ରୋଗର ସ୍ଥାୟିଗୃହ, ପ୍ରାଣ ହୁଏ ଅତ୍ୟନ୍ତ ଅସ୍ଥିର ଏବଂ ଉତ୍ତେଜିତ, ମନ-ବୁଦ୍ଧି ହୁଏ ଚଞ୍ଚଳ, ସ୍ମରଣଶକ୍ତି ହୁଏ ହ୍ରାସ । ଜୀବନ ହୁଏ ଦୁଃଖ, ଶୋକ, ଦ୍ୱନ୍ଦ୍ୱମୟ । ବାଳକ ବାଳିକାମାନେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ବିଶେଷତଃ ବାଳିକାମାନଙ୍କ ସକାଶେ ଅପରିହାର୍ଯ୍ୟ । ଯେଉଁ ବାଳିକା-ବାଳକମାନେ ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ ଗ୍ରହଣ କରି ତାହାରି ପ୍ରାପ୍ତିର ପ୍ରଯତ୍ନ କରନ୍ତି ସେମାନେ ବିବାହ ନ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରନ୍ତି । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ନ ଥାଏ ସେମାନେ ଭଗବତ୍‌ପ୍ରାପ୍ତିର ସାଧନା ଗ୍ରହଣ କରି ବିବାହ କରିପାରନ୍ତି । କିନ୍ତୁ ପୁରୁଷମାନେ ଏକ ପତ୍ନୀବ୍ରତ, ସ୍ତ୍ରୀମାନେ ପାତିବ୍ରତା ଧର୍ମ ପାଳନପୂର୍ବକ, ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ ନ କରି ଦୁଇଟି ସନ୍ତାନ ଉତ୍ପାଦନ କରିପାରନ୍ତି । ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ଜୀବନର ସମସ୍ତ ଆବଶ୍ୟକ କର୍ମ ସମ୍ପାଦନ କରି ଜୀବନର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ପାରନ୍ତି ।

## ଶିଶୁପ୍ରତି ପିତାମାତାଙ୍କ କର୍ତ୍ତବ୍ୟ

ଶିଶୁର ଉନ୍ନତିର ଆଧାର ପ୍ରସ୍ତୁତ କରିବା ନିର୍ଭର କରେ ପିତାମାତାଙ୍କ ଉପରେ; ବିଶେଷତଃ ମାତା ଉପରେ । ପିତାମାତା ଯେଉଁ ଚରିତ୍ର ତଥା ଯେଉଁ ସ୍ୱଭାବର ହୋଇଥାଆନ୍ତି ତାହାର ସମ୍ପୂର୍ଣ୍ଣ ପ୍ରଭାବ ପଡ଼େ ଶିଶୁ ଉପରେ । କୋଟିକରେ ଗୋଟିଏ ଶିଶୁର ଯଦି ବଳଶାଳୀ ପୂର୍ବ ଜନ୍ମର ସଂସ୍କାର ଥାଏ, ତେବେ ପିତାମାତାଙ୍କ ପାରିପାର୍ଶ୍ୱିକ ସଂସ୍କାରରୁ ସେ ରକ୍ଷା ହୁଏ ।

ସନ୍ତାନର ଉନ୍ନତି ଚାହୁଁଥିବା ପିତାମାତା ସନ୍ତାନର ହିତ ସକାଶେ ନିଜେ ସଦ୍‌ଗୁଣବାନ୍ ହେବା ଉଚିତ । ମା'ର ଜୀବନର ଲକ୍ଷ୍ୟଜ୍ଞାନ ଥିଲେ ଗର୍ଭରେ ଆସିବା ସମୟରୁ ଶିଶୁ ଅବସ୍ଥାପର୍ଯ୍ୟନ୍ତ ସେ ଉତ୍ତମ ଆଚରଣ, ଉତ୍ତମ କାର୍ଯ୍ୟ, ଉତ୍ତମ ବ୍ୟବହାର କରି ସତ୍ୟ ଏବଂ ନ୍ୟାୟଯୁକ୍ତ ବଚନ ଉଚ୍ଚାରଣ କରେ । ଏହି ଉତ୍ତମ ସଂସ୍କାର ତା' ରକ୍ତ ସହିତ ମିଶିଯାଏ । ଏହାର ଉଦାହରଣସ୍ୱରୂପ ଗୋଟିଏ ଗ୍ରାମ୍ୟ କାହାଣୀ ଓ ଅନ୍ୟଟି ଏକ ପୌରାଣିକ ଘଟଣା ଉଲ୍ଲେଖ କରିବା ।

ଗୋଟିଏ ଗ୍ରାମରେ ଜଣେ ମିଥ୍ୟାବାଦୀ ଥିଲେ । ତାଙ୍କର ଗୋଟିଏ ପୁତ୍ର ହେଲା । ସେ ଭାବିଲେ –''ମୋ ପାଖରେ ପୁତ୍ର ରହିଲେ ମିଥ୍ୟା କହିବା ଶିଖିଯିବ ।'' ଅତଏବ ସ୍ପଷ୍ଟରୂପେ କଥା କହିବା ପୂର୍ବରୁ ତାକୁ ମାମୁ ଘରେ ଛାଡ଼ିଆସିଲେ । ପୁଅକୁ ସାତ, ଆଠବର୍ଷ ହେବା ପରେ ତାକୁ ଘରକୁ ଆଣିବା ସମୟରେ ପୁଅର ସତ୍ୟ କହିବା ପରୀକ୍ଷା କରିବାକୁ ଚାହିଁଲେ । ରାସ୍ତାରେ ଗୋଟିଏ ନଈ ପଡ଼ିଲା । ପାରି ହେବା ସମୟରେ ପିତା ମିଛରେ କହିଲେ –''ଗୋଟିଏ ମାଛ ମାରିହେଲା ।'' ପୁଅ କହିଲା – ''ମାଛ ମାରିହେବା ସମୟରେ ପାଣି ମୋ ଉପରେ ପଡ଼ିଲା ।'' ଏକଥା ଶୁଣିବା ମାତ୍ରେ ପିତା ଉପରେ ବଜ୍ର ପଡ଼ିଗଲା । ନିଜ କର୍ମ ଉପରେ ବହୁତ ଅନୁତାପ ଆସିଲା ।

ଅନ୍ୟ ବିଷୟଟି ହେଲା ଭାଗବତରେ ବର୍ଣ୍ଣିତ ପରମା ଭକ୍ତା ମଦାଳସାଙ୍କ ଚରିତ୍ର । ମଦାଳସା ରାଜକନ୍ୟା ଥିଲେ । ସେ ସେହି ରାଜାଙ୍କୁ ବିବାହ କରିବାକୁ ପ୍ରତିଜ୍ଞା କରିଥିଲେ ଯେଉଁ ରାଜା ଏକପତ୍ନୀବ୍ରତ ପାଳନ କରିବେ ଏବଂ ସନ୍ତାନମାନେ ଉତ୍ପନ୍ନ ହେବାର ବାର ବର୍ଷ ପର୍ଯ୍ୟନ୍ତ ସନ୍ତାନମାନଙ୍କୁ ନିଜ ନିକଟକୁ ନ ନେଇ ତାଙ୍କ (ମଦାଳସାଙ୍କ) ନିକଟରେ ବାରବର୍ଷ ପର୍ଯ୍ୟନ୍ତ ରହିବା ପାଇଁ ସମ୍ମତ ହେବେ । ତାଙ୍କ ସଂକଳ୍ପ ଥିଲା ତାଙ୍କ ଗର୍ଭରେ ଯେଉଁ ଆତ୍ମା ଆସିବ ପୁନରାୟ ସେ ମାତା ଗର୍ଭକୁ ଯିବ ନାହିଁ । ଅର୍ଥାତ୍ ଭଗବତ୍ ପ୍ରାପ୍ତି କରିବ । ସେହି ସକାଶେ ସେ ଏହି ପ୍ରତିଜ୍ଞା କରିଥିଲେ । ଏହି ସର୍ତ୍ତକୁ ଜଣେ ରାଜା ସହର୍ଷେ ସ୍ୱୀକାର କଲେ । ମଦାଳସା ଥିଲେ ପତିବ୍ରତା ଏବଂ ଭଗବତ୍ ଭକ୍ତିପରାୟଣା, ସତ୍ୟବାଦିନୀ ଏବଂ ସଦାଚାରିଣୀ । ତାଙ୍କ ମୁଖରୁ ସର୍ବଦା ଭଗବତ୍ ନାମ ଉଚ୍ଚାରଣ ହେଉଥାଏ । ସେ ସମସ୍ତ କର୍ମ କରନ୍ତି ଭଗବାନଙ୍କ ସେବାରୂପେ । କର୍ମ କରିବା ସମୟରେ ତଥା ଅନ୍ୟାନ୍ୟ ସମୟରେ ତାଙ୍କ ହୃଦୟରେ ଭଗବାନ୍ ବିରାଜମାନ ଥା'ନ୍ତି । ତାଙ୍କରି ଉଦ୍ଦେଶ୍ୟରେ ସେ ଶାରୀରିକ କର୍ମ କରି ତାଙ୍କୁହିଁ ସମର୍ପଣ କରନ୍ତି । ଘର, ପରିବାର, ସମସ୍ତ ସମ୍ପତ୍ତିର ମାଲିକ ଭଗବାନ୍ ବୋଲି ତାଙ୍କ ଚେତନାରେ ସ୍ପଷ୍ଟ ଥାଏ । ପତିସେବା କରନ୍ତି ଭଗବାନଙ୍କ ପ୍ରତିନିଧି ଧାରଣାରେ । ତାଙ୍କର ସମସ୍ତ

ଗତିବୃତ୍ତି, ମନୋଭାବ, ଚେତନ ଭଗବତ୍ ପ୍ରଭାବରେ ପ୍ରଭାବିତ ହୋଇଥାଏ । ମନୁଷ୍ୟର ଚେତନା ଅନୁସାରେ ପାରିପାର୍ଶ୍ୱିକ ଅବସ୍ଥା ଗଢ଼ିଉଠେ । ତା' ପାଖକୁ ଆସିବା ବ୍ୟକ୍ତି, ତା' ସହିତ କଥାବାର୍ତ୍ତା କରିବା ବ୍ୟକ୍ତି, ତା' ଠାରୁ କୌଣସି ବସ୍ତୁ ଗ୍ରହଣ କରିବା ବ୍ୟକ୍ତି, ତା'ର ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ଗ୍ରହଣ କରନ୍ତି । ଏହି କାରଣରୁ ବ୍ୟକ୍ତି ସତ୍‌ସଙ୍ଗ କରନ୍ତି । କୁସଙ୍ଗ ବର୍ଜନ କରନ୍ତି । ତୁଳସୀଦାସ କହିଛନ୍ତି :—

''ହାନି କୁସଙ୍ଗ ସୁ ସଗତି ଲାହୁ
ଲୋକହୁ ବେଦ ବିଦିତ ସବ କାହୁଁ ।''

''କୁସଙ୍ଗରେ ହାନି ହୁଏ । ସୁସଙ୍ଗରେ ଲାଭ ହୁଏ । ଏହା ଲୋକ ବ୍ୟବହାର ତଥା ଶାସ୍ତ୍ରରେ ପ୍ରମାଣିତ ହୋଇଅଛି ।'' ସମ୍ପର୍କର ଯଦି ଏପରି ପ୍ରଭାବ, ତେବେ ପିତାମାତାଙ୍କ ଶରୀରତତ୍ତ୍ୱରୁ ଉତ୍ପନ୍ନ ହେବା ସନ୍ତାନର ଗୁଣଧର୍ମ ପିତାମାତାଙ୍କ ସଦୃଶ ହେବା ସ୍ୱାଭାବିକ ।

ଶିଶୁର ଶରୀରତତ୍ତ୍ୱରେ ପିତାମାତଙ୍କ ଗୁଣଧର୍ମ ବିଦ୍ୟମାନ ଥାଏ । ଶିଶୁ ଗର୍ଭାବସ୍ଥାରେ ଥିବା ସମୟରେ ମା' ଯେପରି କର୍ମ କରେ ତାହା ବୀଜରୂପେ ଶିଶୁର ଆଧାରରେ ପ୍ରତିଷ୍ଠା ହୁଏ । ସେ ବାଲ୍ୟ ଅବସ୍ଥାରେ ଯେଉଁ ବାତାବରଣରେ ଲାଳିତପାଳିତ ହୁଏ ସେହି ବାତାବରଣର ପ୍ରଭାବ ତା' ଚେତନାରେ ପ୍ରତିଷ୍ଠା ହୁଏ । ପିତାମାତାଙ୍କ ଉତ୍ତମ ତତ୍ତ୍ୱରେ ଯଦି ଶିଶୁର ଶରୀରଗଠନ ହୋଇ ଉତ୍ତମ ବାତାବରଣରେ ପାଳନପୋଷଣ ହୋଇଥାଏ, ତେବେ ତା'ର ସୁସଂସ୍କାରର ଆଧାର ତୟାର ହୋଇଯାଏ । ଏହି ସମସ୍ତ ଅନୁକୂଳ ପରିସ୍ଥିତି ମଦାଳସାଙ୍କର ଥିଲା ।

ମା' ମଦାଳସାଙ୍କ ଗର୍ଭରେ ଶିଶୁ ଆସିବା ଦିନଠାରୁ ଭଗବାନଙ୍କ ପ୍ରସାଦର ରସ ଗ୍ରହଣ କରୁଥିଲା । ଭଗବାନଙ୍କ ନାମ, ଭଗବାନଙ୍କ ଗୁଣଗାନ, ଭଗବତ୍ ଧ୍ୟାନର ପ୍ରଭାବ ପ୍ରାପ୍ତ କରୁଥିଲା । ମଦାଳସା କ୍ଷୀରପାନ କରାଇବା ସମୟରେ, ସ୍ନାନ କରାଇବା ସମୟରେ, ଭୋଜନ କରାଇବା ସମୟରେ, ଖେଳେଇବା ସମୟରେ, ଭଗବତ୍ ନାମ ଗୁଣଗାନ କରନ୍ତି । ଶିଶୁ ଶୁଣେ । ଚାରି, ପାଞ୍ଚ ବର୍ଷ ବୟସରେ ମା' ପଢ଼ାଇବା ଆରମ୍ଭ କରନ୍ତି ଭଗବାନଙ୍କ ଚରିତ୍ରରୁ । ଶିଶୁର ସଂସ୍କାରରେ କୁସଂସ୍କାର ପ୍ରବେଶ କରିପାରେ ନାହିଁ । ତା'ର ମନ, ବୁଦ୍ଧି, ପ୍ରାଣ ଦୂଷିତ ହୁଅନ୍ତି ନାହିଁ, ଅନ୍ତର ଆତ୍ମାର ପ୍ରେରଣା ବିକୃତ ନ ହୋଇ ମନରେ ପ୍ରକାଶ ହୁଏ । ଅନ୍ତର ଆତ୍ମାର ପ୍ରେରଣାହିଁ ଜ୍ଞାନ । ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ବୁଝିପାରନ୍ତି ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ପରମାତ୍ମାପ୍ରାପ୍ତି । ମଦାଳସା ଶିଶୁର ବାରବର୍ଷ ବୟସ ପୂର୍ଣ୍ଣ ହେଲେ ତାକୁ ପିତାଙ୍କ ପାଖକୁ ପଠାଇଦିଅନ୍ତି । ଶିଶୁ ମାତାଙ୍କ ଚରଣରେ ପ୍ରଣାମ କରି ଭଣ୍ଡାରରୁ ସନ୍ନ୍ୟାସ ଉପଯୋଗୀ କଷାୟ ବସ୍ତ୍ର, କମଣ୍ଡଳୁ, କୌପୀନ ଧାରଣ କରି ପିତାଙ୍କୁ ପ୍ରଣାମ କରି ତପସ୍ୟା ସକାଶେ ଜଙ୍ଗଲ ଚାଲିଯାଆନ୍ତି । ଏହିପରି ଛଅଟି ପୁଅ ଚାଲିଗଲେ । ଶେଷକୁ ସପ୍ତମ ପୁତ୍ର ସାତ ବର୍ଷ ବୟସ ହେବା ସମୟରେ ରାଜା ମଦାଳସାଙ୍କୁ କହିଲେ, ''ଆମ୍ଭମାନଙ୍କର ବୃଦ୍ଧ ଅବସ୍ଥା ପ୍ରାପ୍ତ ହେଲା । ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ପ୍ରାପ୍ତି କରିବା ଉଚିତ । ଅନ୍ୟଥା ପୁନରାୟ ଏହି ଦୁଃଖଦ୍ୱନ୍ଦ୍ୱ ଭୋଗିବାକୁ ପଡ଼ିବ । ତୁମେ ଯଦି ଏହି ଶେଷ ସନ୍ତାନକୁ ମୋତେ ଦିଅନ୍ତ ତେବେ ଏହାକୁ ରାଜ୍ୟଭାର ଦେଇ ଆମ୍ଭେମାନେ ତପସ୍ୟା କରିବାକୁ ଯାଇପାରନ୍ତେ ।'' ରାଣୀ ରାଜାଙ୍କ ପ୍ରସ୍ତାବ ସ୍ୱୀକାର କରି ଗୋଟିଏ ଶ୍ଳୋକ ଲେଖି ଗୋଟିଏ ସୁବର୍ଣ୍ଣ ତାବିଜ ଭିତରେ ରଖି ପୁଅର ବାହୁରେ ବାନ୍ଧିଦେଲେ । କହିଲେ —''ଯେତେବେଳେ ତୋତେ ଅଧିକ ବିପଦ ପଡ଼ିବ, ସେତେବେଳେ ଏହାକୁ ଖୋଲିବୁ ।''

ରାଜା ଛୋଟ ପୁଅକୁ ସାତବର୍ଷ ଅବସ୍ଥାରେ ରାଜନୀତି ଶାସ୍ତ୍ର ପଢ଼ାଇ ଉପଯୁକ୍ତ ଅବସ୍ଥାରେ ରାଜ୍ୟଭାର ତାକୁ ଦେଇ ମଦାଳସାଙ୍କ ସହିତ ତପସ୍ୟାର୍ଥେ ବନଗମନ କଲେ । ଜଙ୍ଗଲରେ କେତେ ଦିନ ତପସ୍ୟା କରିବା ପରେ ତପସ୍ୱିପୁତ୍ରମାନଙ୍କ ସହ ଦେଖାହେଲା । କେତେ ବର୍ଷ ଅତୀତ ହେବା ପରେ ମା' ମଦାଳସା ବଡ଼ ପୁଅକୁ କହିଲେ — ''ତୁମେମାନେ ଜନ୍ମ ମରଣ ସଂକଟରୁ ଉଦ୍ଧାର ହୋଇଗଲ । ତୁମ ଛୋଟଭାଇ ସେହି ସଂକଟରେ ଅଛି । ତାକୁ ଉଦ୍ଧାର କର । ମା'ଙ୍କ କଥାରେ ସନ୍ନ୍ୟାସୀ ବଡ଼ପୁଅ ଯାଇ ରାଜା ହୋଇଥିବା ଛୋଟ ଭାଇକୁ ଭଗବତ୍‌ପ୍ରାପ୍ତିର ଉପଦେଶ ଦେଲେ । କିନ୍ତୁ ମନୁଷ୍ୟ ମୋହଗ୍ରସ୍ତ ହୋଇଥିଲେ ଯଥାର୍ଥ ଉପଦେଶ ବୁଝିପାରେ ନାହିଁ । ରାଜା ସନ୍ନ୍ୟାସୀ ଭାଇଙ୍କ ଉପଦେଶକୁ

କୌଣସି ଗୁରୁତ୍ୱ ନ ଦେଇ ତିରସ୍କାର କଲେ । ସନ୍ନ୍ୟାସୀ ଭାଇ ନିରାଶ ହୋଇ ନିଜ ମାମୁ କାଶୀରାଜାଙ୍କ ପାଖରେ ପହଞ୍ଚି ନିଜ ରାଜ୍ୟ ପ୍ରାପ୍ତି କରିବା ଅଭିଳାଷ ପ୍ରକାଶ କଲେ । ମାମୁଙ୍କ କଥା ମଦାଳସାଙ୍କ ଛୋଟ ପୁତ୍ର ନ ମାନିବାରୁ ମାମୁ ଯୁଦ୍ଧ କଲେ । ଯୁଦ୍ଧରେ ମଦାଳସାଙ୍କ ପୁତ୍ର ପରାସ୍ତ ହୋଇ ଜୀବନ ରକ୍ଷା କରିବା ସକାଶେ ଏକ ଜଙ୍ଗଲକୁ ପଳାଇଗଲେ । ଯୁଦ୍ଧ-ବିଜୟ ପରେ ମଦାଳସାଙ୍କ ବଡ଼ ପୁଅ ରାଜ୍ୟ ସ୍ୱୀକାର ନ କରି ମାମୁଙ୍କୁ ଦେଇଦେଲେ । କହିଲେ, ମୁଁ ରାଜ୍ୟପ୍ରାପ୍ତ କରିବାକୁ ଆସି ନ ଥିଲି । ମା'ଙ୍କ ଆଜ୍ଞାନୁସାରେ ଛୋଟ ଭାଇକୁ ରାଜ୍ୟଚ୍ୟୁତ କରିବାକୁ ଆସିଥିଲି । ସେ ମଧ୍ୟ ନିଜ ତପସ୍ୟାସ୍ଥାନକୁ ଚାଲିଆସିଲେ ।

ମଦାଳସାଙ୍କ ଛୋଟ ପୁତ୍ର ରାଜ୍ୟ ଓ ସେବକବିହୀନ ଅବସ୍ଥାରେ କ୍ଷୁଧାରେ ପ୍ରପୀଡ଼ିତ ହୋଇ ଏହା ଅଧିକ ବିପଦ ସମୟ ବୋଲି ମନେକଲେ ଏବଂ ତାବିଜ ଖୋଲି ଦେଖିଲେ । ସେଥିରେ ଲେଖା ହୋଇଥିଲା ଏହି ଶ୍ଳୋକ :—

ଶୁଦ୍ଧୋଽସି ବୁଦ୍ଧୋଽସି ନିରଞ୍ଜନୋଽସି
ସଂସାରମାୟା ପରିବର୍ଜିତୋଽସି ।
ସଂସାର ସ୍ୱପ୍ନଂ ତ୍ୟଜ ମୋହ ନିଦ୍ରାଂ
ମଦାଳସା ବାକ୍ୟ ସୁବାଚ ପୁତ୍ର ।

ଏହି ଶ୍ଳୋକଟି ପଢ଼ିବାମାତ୍ରେ ତାଙ୍କର ପୂର୍ବ ସଂସ୍କାର ଜାଗ୍ରତ୍ ହେଲା, ତାଙ୍କର ରାଜ୍ୟର ମୋହ ଦୂର ହୋଇଗଲା । ସେ ଅତ୍ୟନ୍ତ ଆନନ୍ଦିତ ହୋଇ ସାଧନା କରିବା ସକାଶେ ଗୁରୁ-ଅନ୍ୱେଷଣ କରିବାକୁ ବାହାରିଲେ । ତପସ୍ୱିପିତାମାତା ତଥା ସମସ୍ତ ଭାଇଙ୍କ ସହ ଦେଖାହେଲା, ସେମାନଙ୍କ ସହିତ ସେ ବି ତପସ୍ୟା କଲେ ।

ପ୍ରଶ୍ନ : ଏହି ଦୁଇଟି ଉଦାହରଣରୁ ପାଠକମାନେ କ'ଣ ଗ୍ରହଣ କରିବେ ?

ଉତ୍ତର : ନିଜ ସନ୍ତାନର ଉନ୍ନତ ଜୀବନ ଚାହୁଁଥିବା ବ୍ୟକ୍ତି ପ୍ରଥମରେ ନିଜେ ସତ୍ୟ, ସଦାଚାର ଆଚରଣ କରିବାକୁ ହେବ । ପ୍ରଥମ ଉଦାହରଣରୁ ମିଥ୍ୟା, ଅସତ୍ୟ ତ୍ୟାଗ କରିବାକୁ ହେବ । ଅନ୍ୟଟିରୁ ସତ୍ୟ, ନ୍ୟାୟ ଗ୍ରହଣ କରିବାକୁ ହେବ । ସନ୍ତାନମାନଙ୍କ ଉପରେ ଉପଦେଶର ପ୍ରଭାବ ପଡ଼େ ନାହିଁ; ପଡ଼େ ଆଚରଣର ।

ପ୍ରଶ୍ନ : ମଦାଳସାଙ୍କ ଚରିତ୍ରରୁ ଉଦାହରଣର ଯଥାର୍ଥ ଉଦ୍ଦେଶ୍ୟ କେତେକ ବ୍ୟକ୍ତି ବୁଝି ନ ପାରି ନିଜ ସନ୍ତାନ ସନ୍ନ୍ୟାସୀ ହୋଇଯିବା ଆଶଙ୍କା କରିପାରନ୍ତି । ଏହାର ସମାଧାନ କରନ୍ତୁ ?

ଉତ୍ତର : ମଦାଳସା ସନ୍ନ୍ୟାସଜୀବନର ଉଦ୍ଦେଶ୍ୟରେ ତାଙ୍କ ସନ୍ତାନମାନଙ୍କୁ ଶିକ୍ଷା ଦେଇଥିଲେ । ସେ ସମୟରେ ସେହି ସନ୍ନ୍ୟାସ-ଶିକ୍ଷାର ଆବଶ୍ୟକ ଥିଲା । ସେହି ସକାଶେ ସନ୍ନ୍ୟାସୀ ହୋଇଗଲେ । ବର୍ତ୍ତମାନ ଜୀବନର ପୂର୍ଣ୍ଣ ବିକାଶର ସମୟ ଆସିଛି । ଶ୍ରୀମାଶ୍ରୀଅରବିନ୍ଦ ସେହି ଶିକ୍ଷାଦେବା ସକାଶେ ଏହି ପୃଥିବୀପୃଷ୍ଠକୁ ଆସିଛନ୍ତି । ଅତଏବ ସନ୍ନ୍ୟାସୀର ଭୟ ନାହିଁ । ବର୍ତ୍ତମାନ ଯୁଗପରିବର୍ତ୍ତନ ସମୟରେ ସଂସାରତ୍ୟାଗୀ ସନ୍ନ୍ୟାସୀର ଆବଶ୍ୟକତା ନାହିଁ । ଆବଶ୍ୟକ, ଜୀବନକୁ ଦୁଃଖ, କଷ୍ଟ, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ ଅଧୀନରୁ ମୁକ୍ତ କରି ସର୍ବାଙ୍ଗ ସୁନ୍ଦର କରିବା ।

ସେସମୟରେ କର୍ମ ଏବଂ ସନ୍ନ୍ୟାସଜୀବନର ସାମଞ୍ଜସ୍ୟ ନ ଥିଲା । ସନ୍ନ୍ୟାସଜୀବନର ସ୍ଥାନ ଉଚ୍ଚରେ ଥିଲା । ସେହି ସକାଶେ ମଦାଳସା ନିଜ ସନ୍ତାନକୁ ସନ୍ନ୍ୟାସ ଶିକ୍ଷା ଦେଇଥିଲେ । ଶିକ୍ଷା ପ୍ରଭାବରେ ସେମାନେ ସନ୍ନ୍ୟାସ ଗ୍ରହଣ କରିଥିଲେ । ସେସମୟରେ ସନ୍ନ୍ୟାସ ଗ୍ରହଣ ଛଡ଼ା ଦୁଃଖ, କଷ୍ଟ, ଜନ୍ମ, ମୃତ୍ୟୁ ଅଧୀନରୁ ମୁକ୍ତ ହେବାର ଉପାୟ ନ ଥିଲା ।

ବର୍ତ୍ତମାନ ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ତାହାରି ଦ୍ୱାରା ମନ, ପ୍ରାଣ, ଶରୀର ରୂପାନ୍ତରିତ ହେବ । କେବଳ ପରମାତ୍ମା ପ୍ରକାଶ ହେବେ ମନ, ପ୍ରାଣ, ଶରୀରରେ । ତା'ର ସମସ୍ତ କର୍ମ ହେବ ଭଗବତ୍ ଶକ୍ତି ଦ୍ୱାରା । ଏହି ଶରୀର ହେବ ଭଗବାନଙ୍କ ଆବାସଭୂମି । ସଂସାର ହେବ ଦିବ୍ୟଧାମ । ବର୍ତ୍ତମାନ ସନ୍ନ୍ୟାସର ଆବଶ୍ୟକତା ନାହିଁ । ଆବଶ୍ୟକ କେବଳ ପୂର୍ଣ୍ଣ ଜୀବନର । ଏହି ଜୀବନ ହେବ ସତ୍ୟଯୁଗର । ବର୍ତ୍ତମାନ କଳି ଶେଷ । ସତ୍ୟଯୁଗର ଆରମ୍ଭ ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶର ଆବଶ୍ୟକତା ସ୍ପଷ୍ଟଭାବେ ଆଲୋଚନା କରାହେଲା । ଏହି ଚାରି ସତ୍ତାର ବିକାଶରେ ବ୍ୟକ୍ତିର ଜୀବନ ପୂର୍ଣ୍ଣ ହୁଏ, ଆନନ୍ଦମୟ ହୁଏ । ତା'ଦ୍ୱାରା ଅନ୍ୟର ତଥା ଦେଶ ଏବଂ ଜଗତର

ଯଥେଷ୍ଟ ହିତ ହୁଏ । ଏଥିରେ ସନ୍ଦେହ କରିବାର କାରଣ ନାହିଁ । ତଥାପି ଏହି ପୂର୍ଣ୍ଣାଙ୍ଗ ବିକାଶ ଆମ୍ଭମାନଙ୍କ ସକାଶେ ସଂପୂର୍ଣ୍ଣ ନୂତନ । ସ୍ପଷ୍ଟଭାବେ କହିବା ସତ୍ତ୍ୱେ ଆମ୍ଭେମାନେ ବୁଝିପାରି ମଧ୍ୟ ସମୟ ସମୟରେ ସନ୍ଦେହ କରୁ । ସେହି ସନ୍ଦେହ ଦୂର କରିବା ସକାଶେ ଆଲୋଚନା ହୋଇ ଥିବା ବିଷୟକୁ ପୁନର୍ବାର ଭିନ୍ନରୂପେ ବୁଝିବା ଆବଶ୍ୟକ ହେଉଅଛି । ସରଳ ଭାବରେ ବୁଝାଇ ଦିଅନ୍ତୁ ।

ମନ, ପ୍ରାଣ, ଶରୀର ତଥା ଆତ୍ମାର ପୂର୍ଣ୍ଣାଙ୍ଗ ବିକାଶ ତଥା ଜୀବନର ଲକ୍ଷ୍ୟ ଦୁଃଖବିହୀନ ପରମାନନ୍ଦ ପ୍ରାପ୍ତି । ଏହି ଲକ୍ଷ୍ୟଜ୍ଞାନ ହୁଏ କିପରି ଓ ଏହାର ପ୍ରାପ୍ତି ସକାଶେ ପ୍ରବୃତ୍ତ ହେବାର ପ୍ରଣାଳୀ କ'ଣ ?

ଉତ୍ତର : ଏହି ଲକ୍ଷ୍ୟଜ୍ଞାନ ହୁଏ ତଥା ଲକ୍ଷ୍ୟପ୍ରାପ୍ତିର ଯଥାର୍ଥ ପ୍ରଣାଳୀ ବ୍ୟକ୍ତି ବୁଝିପାରେ ତଥା ଆଚରଣ କରିପାରେ ଆତ୍ମା ଜାଗ୍ରତ୍ ହେବାରେ । ଆତ୍ମା ସ୍ୱତଃସ୍ଫୂର୍ତ୍ତଭାବେ ଭଗବାନଙ୍କ କୃପାରୁ ଜାଗ୍ରତ୍ ହୁଏ ଅଥବା ଲକ୍ଷ୍ୟପ୍ରାପ୍ତି କରିଥିବା ବ୍ୟକ୍ତିଙ୍କ ସମ୍ପର୍କ, ଅଥବା ଲକ୍ଷ୍ୟ ଆଲୋଚନା ହୋଇଥିବା ଶାସ୍ତ୍ର ବା ପୁସ୍ତକ ଅଧ୍ୟୟନ କିଂବା ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜରେ ସଭ୍ୟ ଭାବରେ ସମ୍ମିଳିତ ହେବାରେ ।

ପ୍ରଶ୍ନ : ଏହି ଲକ୍ଷ୍ୟପ୍ରାପ୍ତି ଏହି ଜୀବନରେ ପୂର୍ଣ୍ଣ ହେବା ଉଚିତ, ଏହା ଠିକ୍ । କିନ୍ତୁ ଏହା କିଛି ଲୋକଙ୍କ ସକାଶେ ହୋଇପାରେ, ପ୍ରତ୍ୟେକ ବ୍ୟକ୍ତି ସକାଶେ ଏହାର ଆବଶ୍ୟକତା କ'ଣ ? ଏହାର ପ୍ରଣାଳୀ କ'ଣ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଏହି ପୂର୍ଣ୍ଣ ଜୀବନ ଚାହାନ୍ତି । ପ୍ରତ୍ୟେକ ବ୍ୟକ୍ତିର ଚାହିଁବାହିଁ ତାହାର ଆବଶ୍ୟକତା ବିଷୟରେ ଅକାଟ୍ୟ ପ୍ରମାଣ ।

ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ପରମାନନ୍ଦ, ପରମଜ୍ଞାନ । କୌଣସି ବ୍ୟକ୍ତି ଦୁଃଖ ଚାହେଁ ନାହିଁ । କୌଣସି ବିଷୟ ନ ଜାଣିବାକୁ କେହି ଚାହେଁ ନାହିଁ । ଶାନ୍ତି, ସନ୍ତୋଷ, ସମତାଦି ଦିବ୍ୟଗୁଣ ପ୍ରାପ୍ତ ନ କରିବା କୌଣସି ବ୍ୟକ୍ତି ଚାହେଁ ନାହିଁ ଅର୍ଥାତ୍ ସମସ୍ତେ ଏହାକୁହିଁ ଚାହାନ୍ତି । ସେମାନଙ୍କର ଚେତନାରେ ଏହା ସ୍ପଷ୍ଟ ନ ଥାଏ । ସେ ସକାଶେ ନିଜ ଅଜ୍ଞାତ ଚାହିଁବାକୁ ବୁଝିପାରନ୍ତି ନାହିଁ କିଂବା ପ୍ରଯତ୍ନ କରନ୍ତି ନାହିଁ ।

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଯାଉଛି, ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶ ସକାଶେ ଶିକ୍ଷା ତଥା ଜୀବନର ଲକ୍ଷ୍ୟପ୍ରାପ୍ତି ସକାଶେ ପ୍ରଯତ୍ନ କରିବା ଆବଶ୍ୟକ । କିନ୍ତୁ ସଂସାରରେ ବହୁତ ବଡ଼ ବଡ଼ ଋଷି, ମୁନି, ସାଧୁ, ସନ୍ଥ, ମହାପୁରୁଷ ପଣ୍ଡିତ ହୋଇ ଯାଇଛନ୍ତି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଚାର କେହି କରି ନାହାନ୍ତି । ଏହାର କାରଣ କ'ଣ ?

ଉତ୍ତର : ଏହାର କାରଣ ହେଉଛି ଆତ୍ମାର ବିକାଶର ସମୟ ଆସି ନ ଥିଲା । ଏହି ଚାରି ସତ୍ତାର ବିକାଶ ବିଷୟରେ ବେଦ, ଉପନିଷଦରେ ବର୍ଣ୍ଣିତ ଅଛି । ମନର ବିକାଶ ଶେଷ ହୋଇ ନ ଥିବାରୁ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଚାର ହୋଇ ନାହିଁ । ତା'ର ସମୟ ଆସିଛି, ମା' ଶ୍ରୀଅରବିନ୍ଦ ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଦେବା ସକାଶେ ଏହି ପୃଥିବୀକୁ ଆସିଛନ୍ତି । ଆଦର୍ଶରୂପେ ନିଜ ଆଶ୍ରମରେ ଏହି ଶିକ୍ଷାର ବ୍ୟବସ୍ଥା କରିଛନ୍ତି ।

ପ୍ରଶ୍ନ : ଆମ୍ଭେମାନେ ଛାତ୍ର । ବର୍ତ୍ତମାନ ଆମର ବିଦ୍ୟା ଅଧ୍ୟୟନ କରିବା ସମୟ । ଏଥିରେ ତ୍ରୁଟି ନ କରି କେଉଁ ପ୍ରଣାଳୀରେ ଏହି ସର୍ବାଙ୍ଗୀନ ବିକାଶ ପ୍ରାପ୍ତ କରିବୁ, ଆମ୍ଭଙ୍କୁ ବୁଝାଇ ଦିଅନ୍ତୁ ।

ଉତ୍ତର : ପୂର୍ଣ୍ଣାଙ୍ଗ ବିକାଶର ଲକ୍ଷ୍ୟ ରଖି ପ୍ରଯତ୍ନ କଲେ ବିଦ୍ୟାଶିକ୍ଷାରେ କୌଣସିମତେ ତ୍ରୁଟି ହେବ ନାହିଁ, ବରଂ ସେଥିରେ ବିଶେଷ ସାହାଯ୍ୟ ମିଳିବ । ଶାରୀରିକ ଶିକ୍ଷା ଦ୍ୱାରା ଶରୀର ସୁସ୍ଥ, ନୀରୋଗ ରହିଲେ ଭଲ ପଢ଼ିପାରିବ । ପ୍ରାଣିକ ଶିକ୍ଷାରେ ବହୁବିଧ କର୍ମ ସମ୍ପାଦନ, ବହୁବିଧ କଳା ଅଭ୍ୟାସ ତଥା ବ୍ରହ୍ମଚର୍ଯ୍ୟ ପାଳନ କଲେ ପ୍ରାଣର ଚଞ୍ଚଳତା ଓ ଉଦ୍‌ବେଗ ନଷ୍ଟ ହେବ । ବିଦ୍ୟାଶିକ୍ଷାରେ ଅଶୁଦ୍ଧ ପ୍ରାଣ ଦ୍ୱାରା ଯେଉଁସବୁ ବାଧା ଏବଂ ଚଞ୍ଚଳତା ଉତ୍ପନ୍ନ ହୋଇ ବାଧା ଦେଉଥିଲା ତାହା ପରିବର୍ତ୍ତେ ତୁମକୁ ସାହାଯ୍ୟ ମିଳିବ । ପୂର୍ବରୁ ଯେଉଁସବୁ ବାଧା ଏବଂ ଚଞ୍ଚଳତା ଶିକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା, ସତ୍‌ଶିକ୍ଷା ଦ୍ୱାରା ତାହା ପରିବର୍ତ୍ତେ ତୁମକୁ ସାହାଯ୍ୟ ମିଳିବ । ସତ୍‌ଶିକ୍ଷା ଦ୍ୱାରା ନୈତିକତା ଗ୍ରହଣ କରିବାରୁ ପ୍ରାଣର ଉଦ୍ଦଣ୍ଡତା ରହିବ ନାହିଁ । ପ୍ରତିକୂଳ କର୍ମ ଦ୍ୱାରା ବିଦ୍ୟା ଉପାର୍ଜନରେ ଯେଉଁ ବାଧା ସୃଷ୍ଟି ହେଉଥିଲା ତାହା ଦୂର କରିପାରିବ । ଶିକ୍ଷାରେହିଁ ସମସ୍ତ ଶକ୍ତି ପ୍ରୟୋଗ କରିପାରିବ । ଆତ୍ମ-ଶିକ୍ଷା ଦ୍ୱାରା ତୁମର ବିବେକ ଏବଂ ଜ୍ଞାନ

ଉତ୍ପନ୍ନ ହେବ । ତୁମେ ନିଜେ ଜୀବନର ଯେଉଁ ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ, ପରମ ଜ୍ଞାନ, ପରମ ଶାନ୍ତିସ୍ୱରୂପ ଭଗବାନଙ୍କୁ ଅସ୍ପଷ୍ଟ ଓ ଅଜ୍ଞାତଭାବେ ଚାହୁଁଥିଲ ତାହା ତୁମ୍ଭ ଚେତନାରେ ସ୍ପଷ୍ଟ ହୋଇଉଠିବ, ଏବଂ ତାହାକୁ ଗ୍ରହଣ କରିବ । ତାହାରି ପ୍ରାପ୍ତି ସକାଶେ ତୁମେ ସ୍ୱାଭାବିକ ବିଦ୍ୟାଶିକ୍ଷାକୁ ଉତ୍ତମ ସର୍ବାଙ୍ଗସୁନ୍ଦର କରିପାରିବ । ଜୀବନର ଯଥାର୍ଥ ଲକ୍ଷ୍ୟ ଏବଂ ଆତ୍ମା ବିଷୟରେ ସଚେତ ହେବା ଦ୍ୱାରା ତୁମେ ସତ୍ୟ ଆଚରଣ କରିବ । ସେଥିରେ ତୁମର ବୃଦ୍ଧି ହେବ ସାହସ, ଧୈର୍ଯ୍ୟ ଓ ନିର୍ଭୀକତା । ଯେଉଁ ବିଦ୍ୟାଶିକ୍ଷା ତୁମେ କରୁଛ ତାହା ଦ୍ୱାରା ତୁମେ ନିଜେ ପ୍ରାପ୍ତ କରିବ ଜୀବନର ଲକ୍ଷ୍ୟ, ନିବାସ କରିବ ପରମାନନ୍ଦ ଓ ପରମଶାନ୍ତିରେ, ମୁକ୍ତ ହେବ ରୋଗ, ଜରା ଓ ମୃତ୍ୟୁର ଅଧୀନରୁ, ଏକତ୍ୱ ସ୍ଥାପନ କରିବ ଭଗବାନଙ୍କ ସହିତ । ଶରୀର, ମନ, ପ୍ରାଣ ଏବଂ ଆତ୍ମାର ଶିକ୍ଷା ବିଷୟରେ ଅନ୍ୟତ୍ର ଆଲୋଚନା ହୋଇଛି ।

## ବ୍ରହ୍ମଚର୍ଯ୍ୟ

ପୂର୍ବରୁ ଆଲୋଚିତ ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ଏବଂ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ଉପଲବ୍ଧି ତଥା ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ଲକ୍ଷ୍ୟ ସିଦ୍ଧ ହୁଏ ତଥା ସମର୍ପଣ ପୂର୍ଣ୍ଣ ହୁଏ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣରେ । ଗୃହସ୍ଥାଶ୍ରମରେ ରହିବା ବ୍ୟକ୍ତି ସାଧନାର ଆରମ୍ଭରେ ବ୍ରହ୍ମଚର୍ଯ୍ୟ ଧାରଣ କରି ନ ପାରିଲେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚେଷ୍ଟା କରିବେ ତଥା ସାଧନାରେ ଅଗ୍ରସର ହେଲେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ ଛଡ଼ା ଏହି ଲକ୍ଷ୍ୟସିଦ୍ଧି ଅସମ୍ଭବ ।

ଲକ୍ଷ୍ୟସିଦ୍ଧି ଛଡ଼ା ବ୍ରହ୍ମଚର୍ଯ୍ୟ ପାଳନ ସାଧାରଣ ଜୀବନ ପକ୍ଷେ ମହାନ୍ ଉପଯୋଗୀ । ସାଧାରଣ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ନଷ୍ଟ କଲେ ମନ ଅସ୍ଥିର ହୁଏ, ମେଧାଶକ୍ତି ନଷ୍ଟ ହୁଏ, ସ୍ନାୟୁ ଦୁର୍ବଳ ହୁଏ । ସେ ଗଭୀର ଚିନ୍ତା କରିପାରେ ନାହିଁ, ଧୈର୍ଯ୍ୟ ନ ଥାଏ, ଅସହିଷ୍ଣୁ ହୁଏ । କଥାରେ କଥାରେ ରାଗେ, ଶାରୀରିକ ବଳ ନଷ୍ଟ ହୁଏ ଏବଂ ବହୁ ପ୍ରକାର ରୋଗ ଉତ୍ପନ୍ନ ହୁଏ । ବ୍ରହ୍ମଚର୍ଯ୍ୟ ପାଳନରେ ସାଂସାରିକ କର୍ମ ଦକ୍ଷତା ସହିତ କରିପାରେ, ଉତ୍ତମ ସ୍ୱାସ୍ଥ୍ୟ ଲାଭ କରେ । ଏପରିକି ଅଧ୍ୟାତ୍ମ ସାଧନାରେ ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ଉପଲବ୍ଧି କରି ରୋଗ, ମୃତ୍ୟୁ ଓ ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତ ହୋଇପାରେ ।

ପ୍ରଶ୍ନ : ଏକ ଦିଗରେ ଶାସ୍ତ୍ର ଓ ଆଧ୍ୟାତ୍ମିକ ବ୍ୟକ୍ତି, ମୁନିଋଷିମାନେ ବ୍ରହ୍ମଚର୍ଯ୍ୟ ପାଳନର ଭୂରି ଭୂରି ପ୍ରଶଂସା କରନ୍ତି; ଅନ୍ୟ ଦିଗରେ ପଶୁପକ୍ଷୀଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ଇନ୍ଦ୍ରିୟତୃପ୍ତି, ପ୍ରାଣର ବାସନା, କାମନା ପୂର୍ଣ୍ଣ କରିବା ଚାହାନ୍ତି । ଅଧିକାଂଶ ବ୍ୟକ୍ତି ଇନ୍ଦ୍ରିୟତୃପ୍ତିକୁହିଁ ସର୍ବଶ୍ରେଷ୍ଠ ସୁଖ ମନେକରନ୍ତି । ପ୍ରାଣର ବାସନା ପୂର୍ଣ୍ଣ କରିବାରେ କେତେକ ବ୍ୟକ୍ତି ସଂପତ୍ତି, ସ୍ୱାସ୍ଥ୍ୟ, ମାନ, ସମ୍ମାନ, କୁଳମର୍ଯ୍ୟାଦା ନଷ୍ଟ କରନ୍ତି । ଯଦି ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ଏତେ ଲାଭ ହୁଏ, ତେବେ ସାଧାରଣ ମନୁଷ୍ୟଠାରୁ ବୁଦ୍ଧିପ୍ରଧାନ ବ୍ୟକ୍ତି ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି କାହିଁକି ?

ଉତ୍ତର : ନଷ୍ଟ କରନ୍ତି ବ୍ରହ୍ମଚର୍ଯ୍ୟ ମହତ୍ତ୍ୱ ନ ଜାଣି – ଅଜ୍ଞାନ ମୋହ ଏବଂ ଇନ୍ଦ୍ରିୟ କବଳରେ କବଳିତ ହୋଇ । ବ୍ରହ୍ମଚର୍ଯ୍ୟ ରକ୍ଷା ହୁଏ ଯେତେବେଳେ ବ୍ୟକ୍ତି ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣି ତା'ର ପ୍ରାପ୍ତି ସକାଶେ ପ୍ରଯତ୍ନ କରେ ।

ମନୁଷ୍ୟଜୀବନରେ ଉନ୍ନତିର ଭିତ୍ତି ବା ଆଧାର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ପାଳନ ଏବଂ ସଂଯମ ଦ୍ୱାରା ବ୍ୟକ୍ତି ସଂସାର-କର୍ମରେ ଉନ୍ନତି କରିପାରେ ଏବଂ ଅଧ୍ୟାତ୍ମ-ସାଧନାରେ ଜୀବନର ଯେଉଁ ପରମ ଲକ୍ଷ୍ୟ – ଅଖଣ୍ଡ ସୁଖ, ଶାନ୍ତିସ୍ୱରୂପ ଭଗବାନ୍ – ତାଙ୍କୁ ବ୍ୟକ୍ତି ସମସ୍ତ ସତ୍ତାରେ ପ୍ରାପ୍ତ କରି ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ।

ବ୍ରହ୍ମଚର୍ଯ୍ୟ ପାଳନ ଛଡ଼ା ଏହି ସିଦ୍ଧି ଏକେବାରେ ଅସମ୍ଭବ । ବ୍ରହ୍ମଚର୍ଯ୍ୟହିଁ ମନୁଷ୍ୟର ସାରାତିସାର ବସ୍ତୁ । ଏହାରି ପାଳନରେ ଶରୀର ପୁଷ୍ଟ, ବଳବାନ୍, ରୋଗମୁକ୍ତ ହୁଏ । ଶରୀରରେ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ, ଆଳସ୍ୟ ଦୂର ହୁଏ । କର୍ମରେ ପ୍ରବୃତ୍ତି ହୁଏ; ପ୍ରାଣ, ମନ ଶୁଦ୍ଧ, ସୁସ୍ଥିର ହୁଏ । ଆତ୍ମା ଜାଗ୍ରତ୍ ହୁଏ ଏବଂ ମନ, ପ୍ରାଣ ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳନା କରେ । ମନ, ପ୍ରାଣ, ଶରୀରର ବିକାଶ ସକାଶେ ବ୍ରହ୍ମଚର୍ଯ୍ୟହିଁ ଶକ୍ତି ଯୋଗାଏ । ବ୍ରହ୍ମଚର୍ଯ୍ୟ ନଷ୍ଟ ହେଲେ ବ୍ୟକ୍ତି ଅହଂ, ସ୍ୱାର୍ଥ ଦୂର କରିପାରେ ନାହିଁ । ଏହି ଅହଂ, ସ୍ୱାର୍ଥ ଯୋଗୁଁ ସେ ଯଥାର୍ଥ ଭାବେ ଅନ୍ୟର ଏବଂ ସଂସାରର

ହିତ କରିପାରେ ନାହିଁ । ଆତ୍ମା ଜାଗ୍ରତ୍ ହୁଏ, ସ୍ୱାର୍ଥ ଦୂର ହୁଏ ବ୍ରହ୍ମଚର୍ଯ୍ୟ ପାଳନରେ । ସମସ୍ତ ସଦ୍‌ଗୁଣର ଆଶ୍ରୟ ବ୍ରହ୍ମଚର୍ଯ୍ୟ ପାଳନ ।

ପଶୁପକ୍ଷୀ ଅଜ୍ଞାନ । ସେମାନଙ୍କ ବୁଦ୍ଧି ବିବେକ ନ ଥାଏ । ସେଥିପାଇଁ ସେମାନେ ଜୀବନରେ ଯଥାର୍ଥରେ ହିତ, ଅହିତ ବୁଝିପାରନ୍ତି ନାହିଁ । ସେମାନେ ପରିଚାଳିତ ହୁଅନ୍ତି ପ୍ରକୃତି ଦ୍ୱାରା । ପ୍ରକୃତି ବିରୋଧରେ କିଛି କରିବା ସେମାନଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ସେମାନଙ୍କ ବୁଦ୍ଧି ଏବଂ ବିବେକ ଅଭାବରୁ ସେମାନେ ବ୍ରହ୍ମଚର୍ଯ୍ୟ ମହତ୍ତ୍ୱ ବୁଝିପାରନ୍ତି ନାହିଁ । ପ୍ରକୃତିର ବଶ୍ୟତାରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି ।

ମନୁଷ୍ୟ ଆସିଛନ୍ତି ପଶୁଠାରୁ । ସେମାନଙ୍କୁ ପ୍ରାପ୍ତ ହୋଇଛି ପଶୁ ଅପେକ୍ଷା ଅଧିକ ମନ-ବୁଦ୍ଧି । କିନ୍ତୁ ଆତ୍ମା ଜାଗ୍ରତ୍ ନ ହୋଇ ଥିବାରୁ ସେମାନଙ୍କ ପ୍ରାଣରେ ବିଦ୍ୟମାନ ଅଛି ପଶୁତ୍ୱ । ସେହି ସକାଶେ ବ୍ୟକ୍ତି-ଶରୀର ମନୁଷ୍ୟ ପାଇବା ସତ୍ତ୍ୱେ ପଶୁସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରେ । ଯେଉଁମାନେ ଯେତେ ପରିମାଣରେ ବ୍ରହ୍ମଚର୍ଯ୍ୟ ସଂଯମ କରନ୍ତି, ସେମାନେ ସେତେ ପରିମାଣରେ ପଶୁତ୍ୱକୁ ଅତିକ୍ରମ କରି ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି । ଅନ୍ୟ ଯେଉଁମାନେ ଏକପତ୍ନୀବ୍ରତ ବା ଏକପତିବ୍ରତ ଧର୍ମ ପାଳନ ପୂର୍ବକ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି, ସେମାନେ ଆଦର୍ଶ ଗୃହସ୍ଥ ହୁଅନ୍ତି । ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି, ସେମାନେ ପୂର୍ଣ୍ଣ ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି । କିନ୍ତୁ ସେମାନଙ୍କ ଜୀବନରେ ମନ, ପ୍ରାଣ, ଶରୀର ତଥା ଆତ୍ମାର ପୂର୍ଣ୍ଣ ବିକାଶ ହୁଏ ନାହିଁ । ପୂର୍ଣ୍ଣ ବିକାଶ ହୁଏ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତଥା ବ୍ରହ୍ମଚର୍ଯ୍ୟ ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବାରେ । ତେବେଯାଇ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ପଶୁତ୍ୱରୁ ମୁକ୍ତ ହୁଏ ତଥା ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଏ । ସେ ହୁଏ ଭଗବାନଙ୍କ ଯଥାର୍ଥ ଯନ୍ତ୍ର । ଏହିମାନେ ହୁଅନ୍ତି ଅତିମାନବ । ଏହି ଅତିମାନବଜାତି ପ୍ରତିଷ୍ଠା ସକାଶେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଂକଳ୍ପ ।

ପ୍ରଶ୍ନ : ଭଗବାନ୍ ନିଜକୁ ପ୍ରକାଶ କରିବା ସକାଶେ ସୃଷ୍ଟି କରିଛନ୍ତି । କ୍ରମବିକାଶ ଜଡ଼ରୁ ପଶୁପକ୍ଷୀ ମଧ୍ୟଦେଇ ବର୍ତ୍ତମାନ ମନୁଷ୍ୟରେ ପହଞ୍ଚିଛି । ଏହାକୁ ଅତିକ୍ରମ କରି ସେ ଅତିମାନବତ୍ୱକୁ ପ୍ରାପ୍ତ ହେବ; କିନ୍ତୁ ଏହି ବିକାଶରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା କ'ଣ ? ସ୍ପଷ୍ଟରୂପେ ବୁଝେଇ ଦିଅନ୍ତୁ –

ଉତ୍ତର : ବ୍ରହ୍ମଚର୍ଯ୍ୟରେ ରହିଛି ଅସାଧାରଣ ଶକ୍ତି । ସେହି ଶକ୍ତିହିଁ ମନୁଷ୍ୟର ମନ-ପ୍ରାଣ-ଶରୀରକୁ ଆବଶ୍ୟକ ଉପାଦାନ ଯୋଗାଇ ଅତିମାନସ ଶକ୍ତିକୁ ଧାରଣ କରିବା ତଥା ରୂପାନ୍ତରିତ ହେବାକୁ ଯୋଗ୍ୟ କରେ । ତେବେ ବ୍ୟକ୍ତି ମନ, ପ୍ରାଣ, ଶରୀରରେ ଅତିମାନସ ଶକ୍ତି ଅବତରଣ କରି ସେସବୁକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ । ବ୍ରହ୍ମଚର୍ଯ୍ୟ ସାହାଯ୍ୟରେ ବ୍ୟକ୍ତିର ସତ୍ତାର ରୂପାନ୍ତର ହେଉ ଥିବାରୁ ସେ ଅଜ୍ଞାନ ଶକ୍ତି – ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣମୁକ୍ତ ହୁଏ । ବ୍ୟକ୍ତି ମଧ୍ୟରେ ହୁଅନ୍ତି ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶ । ସେ ସମସ୍ତ ସତ୍ତାରେ ପ୍ରାପ୍ତ କରେ ଭଗବାନଙ୍କ ସହିତ ଏକତ୍ୱ ଏବଂ ନିବାସ କରେ ପୂର୍ଣ୍ଣରୂପେ ବିଜ୍ଞାନ ତଥା ଆନନ୍ଦରେ । ବିକାଶର ଦୁଇଟି ସ୍ତର : ଗୋଟିଏ ଅଜ୍ଞାନ, ଅନ୍ୟଟି ଜ୍ଞାନ ଏବଂ ଆନନ୍ଦ । ଶାସ୍ତ୍ରରେ ଏହାକୁହିଁ କୁହାହେଉଛି ଅପରାର୍ଦ୍ଧ ଏବଂ ପରାର୍ଦ୍ଧ । ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ । ଏହି ସ୍ତରର ପ୍ରାଣୀମାନଙ୍କୁ ପରିଚାଳନା କରେ ଅଜ୍ଞାନ ଅପରା-ଶକ୍ତି । ଏହାର ଊର୍ଦ୍ଧ୍ୱସ୍ତର ଅତିମାନସ ବିକାଶ ଏବଂ ଆନନ୍ଦ । ଏହା ପରାର୍ଦ୍ଧ । ଏହି ସ୍ତରର ପ୍ରାଣୀ ଦିବ୍ୟ । ଏମାନେ ନିବାସ କରନ୍ତି ବିଜ୍ଞାନ ଏବଂ ଆନନ୍ଦରେ । ଏମାନେ ପରିଚାଳିତ ହୁଅନ୍ତି ବିଜ୍ଞାନ ପରମାନନ୍ଦସ୍ୱରୂପା ଆଦ୍ୟା ଶକ୍ତି ଦ୍ୱାରା । କ୍ରମବିବର୍ତ୍ତନର ବିଧାନ ଅନୁସାରେ ଅପରାର୍ଦ୍ଧ ଅଜ୍ଞାନ ସ୍ତରର ମାନବଙ୍କୁ ପରାର୍ଦ୍ଧରେ ପ୍ରବେଶ କରିବାକୁ ହେବ । ଅପରାର୍ଦ୍ଧ ସ୍ତରର ଧର୍ମ ଯେପରି ଅଜ୍ଞାନ, ଅଦିବ୍ୟ; ସେହିପରି ପରାର୍ଦ୍ଧ ସ୍ତରର ଧର୍ମ ଦିବ୍ୟ ଏବଂ ବିଜ୍ଞାନ ଆନନ୍ଦ । ସେ ସ୍ତରରେ ପ୍ରବେଶ କରିବାକୁ ହେଲେ ସେହି ସ୍ତରର ଧର୍ମ ଅନୁସାରେ ବ୍ୟକ୍ତିର ସମସ୍ତ ସତ୍ତା, ସମସ୍ତ ତତ୍ତ୍ୱର ରୂପାନ୍ତର ଆବଶ୍ୟକ । ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ ଭୂମିରେ ମଧ୍ୟ ବହୁତ ସ୍ତର ବା ବିଭେଦ । ପଶୁମାନଙ୍କର ମନ, ବୁଦ୍ଧି, ବିଚାର ବିବେକ ନ ଥାଏ । ସେମାନେ ଜୀବନବିକାଶର ରହସ୍ୟ ଜାଣିପାରନ୍ତି ନାହିଁ । ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଭୋଜନ, ନିଦ୍ରା ତଥା ମୈଥୁନରେ ସମାପ୍ତ କରନ୍ତି । ସେମାନେ ବହୁତ ମନ୍ଥର ଗତିରେ ଅଜ୍ଞାତରେ ପ୍ରକୃତି ଦ୍ୱାରା ପରିଚାଳିତ ହୁଅନ୍ତି ମନୋମୟ ମନୁଷ୍ୟ ସ୍ତରକୁ ।

ମନୁଷ୍ୟ ଯଦ୍ୟପି ନିବାସ କରେ ଅପରାର୍ଦ୍ଧ, ଅଜ୍ଞାନ ସ୍ତରରେ ତଥାପି ତାକୁ ପ୍ରାପ୍ତ ହୋଇଥାଏ ମନ-ବୁଦ୍ଧି ତଥା ବିଚାର । ଯେଉଁ ବ୍ୟକ୍ତିଙ୍କର କେବଳ ମନ-ବୁଦ୍ଧି ବିକାଶ ହୋଇଥାଏ କିନ୍ତୁ ଆତ୍ମା ଦ୍ୱାରା ପ୍ରଭାବିତ ହୋଇ ନ ଥାଏ, ସେମାନେ ଭଲ, ମନ୍ଦ, ହିତ ଅହିତ କିଛି ଅଂଶରେ ବୁଝିପାରନ୍ତି । ସେମାନଙ୍କ ବୁଦ୍ଧି ଯଦି ତୀବ୍ର ଥାଏ, ତେବେ ସେମାନେ ବଡ଼ ବଡ଼ ନେତା ହୋଇପାରନ୍ତି । ବେପାର ବାଣିଜ୍ୟରେ ବହୁତ ଅର୍ଥ ଉପାର୍ଜନ କରିପାରନ୍ତି ଅଥବା ଜାଗତିକ କାର୍ଯ୍ୟ ବିଶେଷ ଦକ୍ଷତା ସହିତ କଳ କୌଶଳରେ ସମ୍ପାଦନ କରିପାରନ୍ତି । କିନ୍ତୁ ସେମାନଙ୍କ ପ୍ରାଣ ଶୁଦ୍ଧ ହୋଇ ନ ଥାଏ କିଂବା ଆତ୍ମାର ପ୍ରଭାବରେ ପ୍ରଭାବିତ ହୋଇ ନ ଥାଏ । ସେଥିରେ ଥାଏ ପୂର୍ଣ୍ଣରୂପେ ପଶୁତ୍ୱ । ଏହିପରି ବ୍ୟକ୍ତିର ପାଶବିକ ଅଶୁଦ୍ଧି, ଦୁର୍ବାର ପ୍ରାଣ ବିକଶିତ ବୁଦ୍ଧିକୁ ଜବରଦସ୍ତି ଟାଣି ନେଇ ନିଜ ବାସନା ପୂର୍ଣ୍ଣ କରିବାରେ ନିୟୋଜିତ କରେ । ବିକଶିତ ବୁଦ୍ଧିରେ ଆତ୍ମାର ପ୍ରଭାବ ନ ଥିବାରୁ ବିବେକ ଉତ୍ପନ୍ନ ହୁଏ ନାହିଁ । ଏହିପରି ବ୍ୟକ୍ତି ମୋହବଶତଃ ବୁଦ୍ଧି ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବା ପରିବର୍ତ୍ତେ ତା'ର ଦାସତ୍ୱ ସ୍ୱୀକାର କରେ । ସେ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝିପାରେ ନାହିଁ; ପଶୁସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବାରେ ପ୍ରାଣର ସେବା କରେ । ଯେଉଁ ବୁଦ୍ଧିପ୍ରଧାନ ବ୍ୟକ୍ତିଙ୍କର ପ୍ରାଣ ମନରେ କିଛି ଅଂଶର ଆତ୍ମାର ପ୍ରଭାବ ପଡ଼ିଥାଏ ସେହି ପୁରୁଷମାନେ ନୈତିକ ନିୟମ ଅନୁସାରେ ଏକପତ୍ନୀବ୍ରତ ଏବଂ ନାରୀମାନେ ଏକପତିବ୍ରତ ଧର୍ମପାଳନ କରନ୍ତି । ଯେଉଁମାନଙ୍କର ଏଥିରେ ଦୃଢ଼ନିଷ୍ଠା ଥାଏ ସେମାନେ ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । କ୍ରମଶଃ ଏହି ପ୍ରଣାଳୀରେ ବ୍ୟକ୍ତି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ । କିନ୍ତୁ ଏହାଛଡ଼ା ଆତ୍ମା ଯେଉଁମାନଙ୍କର ଜାଗ୍ରତ୍ ହୁଏ, ସେମାନେ ଅଧ୍ୟାତ୍ମ ସାଧନା ଆରମ୍ଭ କରନ୍ତି ଏବଂ ଅଖଣ୍ଡରୂପେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସେମାନଙ୍କୁ କ୍ରମବିକାଶ ପ୍ରଣାଳୀରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହୁଏ ନାହିଁ ।

ପ୍ର : ବ୍ରହ୍ମଚର୍ଯ୍ୟ ପାଳନ ସକାଶେ କ୍ରମବିକାଶର ପ୍ରଣାଳୀ କ'ଣ ?

ଉ : ନୈତିକ ବ୍ୟବସ୍ଥା ଅନୁଯାୟୀ କ୍ରମଶଃ ପରିବାର, ବର୍ଣ୍ଣ, ଧର୍ମ, ପତିବ୍ରତ ଏବଂ ପତ୍ନୀବ୍ରତ ନିୟମ ଅନୁସାରେ ବ୍ରହ୍ମଚର୍ଯ୍ୟ ସଂଯମପୂର୍ବକ ବ୍ୟକ୍ତି ଅଧ୍ୟାତ୍ମ ସତ୍ୟ ଆଶ୍ରୟରେ ପୂର୍ଣ୍ଣ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ କରିପାରେ ।

ପଶୁମାନଙ୍କର କୁଟୁମ୍ବ, ପରିବାର, ବିବାହ-ବଂଧନ ନ ଥାଏ । ସେମାନେ ସ୍ୱଚ୍ଛନ୍ଦରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି । ପଶୁମାନଙ୍କର ଅଧିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାରୁ ସେମାନେ ବୁଦ୍ଧି, ବିବେକ ଧାରଣ କରିପାରନ୍ତି ନାହିଁ । ପଶୁପରେ ମନୋମୟ ସ୍ତରରେ ମନୁଷ୍ୟ ପ୍ରବେଶ କରିବା ମାତ୍ରେ ତାକୁ ବୁଦ୍ଧି ଏବଂ ବିବେକ ପ୍ରାପ୍ତ ହୁଏ । ସେଇଥିପାଇଁ ତାକୁ ବ୍ରହ୍ମଚର୍ଯ୍ୟ ସଂଯମର ସୁଯୋଗ ମିଳେ । ବ୍ରହ୍ମଚର୍ଯ୍ୟ ସଂଯମ ସକାଶେ ହେଲା ବର୍ଣ୍ଣ ଓ ଧର୍ମ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ତଥା ଅନ୍ତ୍ୟଜ ନିର୍ଦ୍ଧାରିତ କରାହେଲା ଓ ନିଜ ପାରିବାରିକ ସମ୍ବନ୍ଧ ଭିନ୍ନ ଅନ୍ୟ ପରିବାରରେ ବିବାହ – ଏହି ନିୟମ ଦ୍ୱାରା କେତେ ପରିମାଣରେ ବ୍ରହ୍ମଚର୍ଯ୍ୟ ନିୟନ୍ତ୍ରିତ କରାହେଲା । ଅନ୍ତ୍ୟଜ ଏବଂ ଶୂଦ୍ର ବର୍ଣ୍ଣରେ ନାରୀମାନେ ଏକପତି ତ୍ୟାଗ କରି କିଂବା ପତିର ମୃତ୍ୟୁ ପରେ ଅନ୍ୟ ପତି ଗ୍ରହଣ କରିବାର ବ୍ୟବସ୍ଥା ଥିଲା । କିନ୍ତୁ ବୈଶ୍ୟ, କ୍ଷତ୍ରିୟ ଏବଂ ବ୍ରାହ୍ମଣ ବର୍ଣ୍ଣରେ ନାରୀ ସକାଶେ ଗୋଟିଏ ପତିର ବିଧାନ ଥିଲା । ଏହା ଥିଲା ସମାଜର ନିୟମ । ଏହାର ପ୍ରତିକୂଳ ଆଚରଣ କରିବା ବ୍ୟକ୍ତିଙ୍କୁ ସମାଜ ସ୍ୱୀକାର କରୁ ନ ଥିଲା । ବ୍ୟକ୍ତିର ଉଚ୍ଚତର ସତ୍ୟ ବା ଚେତନାକୁ ଧାରଣ କରିବାର ସାମର୍ଥ୍ୟ ହୁଏ କେବଳ ବ୍ରହ୍ମଚର୍ଯ୍ୟ ପାଳନ କରିବାରେ । ସତ୍ୟଯୁଗରୁ ଆଜିପର୍ଯ୍ୟନ୍ତ ସମସ୍ତ ଅଧ୍ୟାତ୍ମ ସାଧକମାନେ ଉଚ୍ଚତର ସତ୍ୟ ଉପଲବ୍ଧି କରନ୍ତି ବ୍ରହ୍ମଚର୍ଯ୍ୟ ଧାରଣ କରିବା ଦ୍ୱାରା ।

ମନୁଷ୍ୟ ମନୋମୟ ଚେତନାସ୍ତର ପରେ ବିଜ୍ଞାନମୟ ଏବଂ ଆନନ୍ଦମୟ ଚେତନାସ୍ତର । ଏହି ବିଜ୍ଞାନ ଏବଂ ଆନନ୍ଦ ସତ୍ୟ ଧାରଣ କରିବାର ଏକମାତ୍ର ସାମର୍ଥ୍ୟ ପ୍ରାପ୍ତ ହୁଏ ବ୍ରହ୍ମଚର୍ଯ୍ୟ ସଂଯମ ତଥା ତାକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବାରେ । କ୍ରମବିବର୍ତ୍ତନ ଅନୁସାରେ ବ୍ୟକ୍ତିର ଲକ୍ଷ୍ୟ ବିଜ୍ଞାନ, ଆନନ୍ଦ, ସତ୍ୟରେ ପ୍ରବେଶ କରିବା । ଏହି ସକାଶେ କ୍ରମବିକାଶ-ପ୍ରଣାଳୀରେ ବ୍ୟକ୍ତିକୁ ଅଗ୍ରସର କରାଇବା ସକାଶେ ନୈତିକ ଏବଂ ବର୍ଣ୍ଣ ଧର୍ମର ବ୍ୟବସ୍ଥା କରା ହୋଇଥିଲା । ଏହି ରହସ୍ୟ ନ ଜାଣି ଅଧିକାଂଶ ଆଧୁନିକ ବ୍ୟକ୍ତିମାନେ ନୈତିକ, ସାମାଜିକ ନିୟମଶୃଙ୍ଖଳାକୁ କୁସଂସ୍କାର କହି ଇନ୍ଦ୍ରିୟ ଭୋଗ ବିଳାସରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବା ସଙ୍ଗେ ସଙ୍ଗେ ଜୀବନର ବିକାଶ ତଥା ଜୀବନର ପୂର୍ଣ୍ଣତାମାର୍ଗ ରୁଦ୍ଧ କରୁଛନ୍ତି ।

ପ୍ର : ଜୀବନବିକାଶରେ ଏପରି ସାହାଯ୍ୟକାରୀ ନୈତିକତାର ଅଧଃପତନର କାରଣ କ'ଣ ?

ଉ : ଏହାର କାରଣ — ଯୁଗ ପରିବର୍ତ୍ତନ । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ମନୁଷ୍ୟ ମାନସିକ ଅଜ୍ଞାନଯୁକ୍ତ ଅର୍ଦ୍ଧଜ୍ଞାନ ଚେତନାକୁ ଅତିକ୍ରମ କରି ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ ଚେତନାରେ ବାସ କରିବାର ସମୟ ଆସିଛି । ନୈତିକତାର କାଳ ସମାପ୍ତ ହୋଇଯିବାରୁ ତାହା ଧରାଶାୟୀ ହୋଇଅଛି । ନୂତନ ଯୁଗର ବିଜ୍ଞାନ, ଅତିମାନସ ସତ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ । ଏହି କାରଣରୁ ସମାଜ, ଦେଶ ଓ ଜଗତର ଭୟଙ୍କର ବିଶୃଙ୍ଖଳା ସୃଷ୍ଟି ହୋଇଅଛି । ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ବ୍ୟକ୍ତି ଏହି ନୂତନ ସତ୍ୟକୁ ଗ୍ରହଣ କରିବାକୁ ଯେତେ ଅଧିକ ପ୍ରଯତ୍ନ କରିବ, ସେହି ଅନୁପାତରେ ବିଶୃଙ୍ଖଳା ଦୂର ହେଉଥିବ ଏବଂ ସତ୍ୟ ପ୍ରତିଷ୍ଠା ହେଉଥିବ ଏବଂ ଅନ୍ୟମାନେ ଏହି ରହସ୍ୟକୁ ବୁଝି ସତ୍ୟର ଆଶ୍ରୟ ନେଉଥିବେ ।

ପ୍ର : ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ସମସ୍ତ ସତ୍ତାରେ ଭଗବତ୍ ପ୍ରାପ୍ତି । ଏହା ହୁଏ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନରେ । ଗୃହସ୍ଥାଶ୍ରମୀ ସକାଶେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ । ସେମାନେ କ'ଣ ଲକ୍ଷ୍ୟସିଦ୍ଧି କରିପାରିବେ ନାହିଁ ?

ଉ : ଗୃହସ୍ଥାଶ୍ରମୀମାନେ କ୍ରମଶଃ ବ୍ରହ୍ମଚର୍ଯ୍ୟ ପ୍ରଣାଳୀରେ ଅଗ୍ରସର ହେଲେ ଶେଷରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ ଏବଂ ଲକ୍ଷ୍ୟରେ ପହଞ୍ଚି ପାରିବେ । ପ୍ରଥମରେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଅବଶ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ବିବାହ ପରେ ନିଜକୁ ସଂଯତ ରଖି କେବଳ ଦୁଇଟି ସନ୍ତାନ ଲାଭ କରିବେ । ପରେ ପୂର୍ଣ୍ଣଭାବେ ବ୍ରହ୍ମଚର୍ଯ୍ୟ ସଂଯମ କରି ପାରିବେ । ବିବାହ ପରେ ଠିକ୍ ଠିକ୍ ଏପରି ଯେଉଁମାନେ ବ୍ରହ୍ମଚର୍ଯ୍ୟ ପାଳନ ନ କରି ପାରିବେ, ସେମାନେ ଅନ୍ତତଃ ଏହିରୂପେ ପାଳନ କରିବାକୁ ଚେଷ୍ଟା କରିବେ ।

ପ୍ର : ବ୍ରହ୍ମଚର୍ଯ୍ୟ ପାଳନର ଉପାୟ କ'ଣ ?

ଉ : ପ୍ରଧାନ ଏବଂ ଏକମାତ୍ର ଉପାୟ ହେଲା ଭଗବତ୍ ପ୍ରାପ୍ତିକୁ ଜୀବନର ଏକାନ୍ତ ଲକ୍ଷ୍ୟରୂପେ ଗ୍ରହଣ କରିବା । ଲକ୍ଷ୍ୟ ଯଦି ଆନ୍ତରିକତା ସହ ଗ୍ରହଣ କରାହୁଏ, ତେବେ ବ୍ରହ୍ମଚର୍ଯ୍ୟ ପାଳନ ସକାଶେ ସ୍ୱତଃସ୍ଫୂର୍ତ୍ତଭାବେ ବ୍ୟକ୍ତିର ଆଗ୍ରହ ଜନ୍ମେ । ଲକ୍ଷ୍ୟ ଗ୍ରହଣ ଛଡ଼ା ଅନ୍ୟ କୌଣସି ଉପାୟରେ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ ।

ପ୍ର : ହଠଯୋଗୀମାନେ ବହୁପ୍ରକାର ବାହ୍ୟକ୍ରିୟାରେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । ଏହା କ'ଣ ମିଥ୍ୟା ଧାରଣା ?

ଉ : ଧାରଣା ସତ୍ୟ । କିନ୍ତୁ ଜୀବନର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି ବିନା ଆନ୍ତରିକ ଦୃଢ଼ସଂକଳ୍ପ ହୁଏ ନାହିଁ । ସେହି ସକାଶେ ସମସ୍ତ ପ୍ରକାର ବାହ୍ୟକ୍ରିୟା ଅର୍ଥହୀନ ହୁଏ । ବ୍ରହ୍ମଚର୍ଯ୍ୟପାଳନରେ ସାମାନ୍ୟରୂପେ ସାହାଯ୍ୟ କରେ ଆସନ । ଆସନ ବ୍ୟତିକ୍ରମରେ କିଛି କ୍ଷତି ହୁଏ ନାହିଁ କିନ୍ତୁ ପ୍ରାଣାୟାମ ବିଶେଷତଃ ବଜ୍ରାବଳୀକ୍ରିୟାରେ ଟିକିଏ ଅନିୟମିତ ବା ବ୍ୟତିକ୍ରମ ହେଲେ ଜୀବନ ନଷ୍ଟ ହୋଇଯାଏ । ଯଦି ସିଦ୍ଧଗୁରୁ ପାଖରେ ଥିବେ, କ୍ରିୟା ଏକେବାରେ ଯଥାର୍ଥ ତଥା ନିର୍ଦୋଷରେ ହେଉଥିବ, କ୍ରିୟାର ରୀତିରେ ବ୍ୟତିକ୍ରମ ଘଟୁ ନ ଥିବ, କ୍ରିୟାସମୟରେ ମାନସିକ କାମନାବାସନା ସମ୍ବନ୍ଧୀୟ ଚିନ୍ତା ବା ପ୍ରାଣର ଆଦାନପ୍ରଦାନ ଏକେବାରେ ନ ଥିବ, ତେବେ ବଜ୍ରାବଳୀକ୍ରିୟା ସିଦ୍ଧ ହୁଏ, ଅର୍ଥାତ୍ ଯୋଗୀ ରେତସକୁ ବ୍ରହ୍ମାଣ୍ଡକୁ ନେଇ ଯାଇପାରେ; ଏବଂ ସେଥିରେ ତା'ର ଅଧିକାର ପ୍ରାପ୍ତ ହୁଏ । ବଜ୍ରାବଳୀକ୍ରିୟା ସିଦ୍ଧି କରିବାରେ ଶହେ ସାଧକ ମଧ୍ୟରୁ ଅନେଶତ ଧାତୁରୋଗ ତଥା ଅନ୍ୟାନ୍ୟ ବହୁତ ପ୍ରକାର ରୋଗରେ ପତିତ ହୋଇ ଜୀବନ ନଷ୍ଟ କରିଛନ୍ତି । ଏହି କ୍ରିୟାର କୁପରିଣାମ ଭୋଗୁଥିବା ବହୁତ ସାଧକଙ୍କୁ ଦେଖିଛି । କୌଣସି ବ୍ୟକ୍ତି ବ୍ରହ୍ମଚର୍ଯ୍ୟପାଳନ ସକାଶେ ବାହ୍ୟକ୍ରିୟା ମୋହରେ କଦାପି ପଡ଼ିବା ଉଚିତ ନୁହେଁ । ଏହା ଯଥାର୍ଥରେ ସଂଯମ ହୁଏ ମାନସିକ ବିଚାର ସଂଯମରେ ।

ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତରଯୋଗରେ ବ୍ରହ୍ମଚର୍ଯ୍ୟ ପାଳନ ସକାଶେ କୌଣସି ପ୍ରକାର ବାହ୍ୟ ପ୍ରାଣାୟାମ ବା ବଜ୍ରାବଳୀକ୍ରିୟାର ଆଶ୍ରୟ ନିଆହୁଏ ନାହିଁ । ଏଥିରେ ବିପଦ ଥିବା ସଙ୍ଗେ ସଙ୍ଗେ ଏହି କ୍ରିୟା ଦ୍ୱାରା ରେତସ ରୂପାନ୍ତର ହୁଏ ନାହିଁ । ରୂପାନ୍ତର ନ ହେଲେ ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧ ହୁଏ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ, ଶରୀର ତଥା ରେତସର ଗୁଣଧର୍ମ ତଥା ତତ୍ତ୍ୱ ଦିବ୍ୟ-ତତ୍ତ୍ୱରେ ରୂପାନ୍ତର ହୁଏ । ଏହା କୌଣସି ଯୌଗିକ ପ୍ରକ୍ରିୟା ଦ୍ୱାରା ହୁଏ ନାହିଁ; ହୁଏ ଅତିମାନସ ଶକ୍ତି ଦ୍ୱାରା । ତେବେ ସାଧକ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖ, କଷ୍ଟରୁ ସଂପୂର୍ଣ୍ଣରୂପେ

ମୁକ୍ତ ହୁଏ । ତା'ର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ । ସେ ନିବାସ କରେ ଭଗବତ୍ ଅତିମାନସ ଚେତନାରେ; ପରିଚାଳିତ ହୁଏ ଭଗବତ୍ ସଂକଳ୍ପ, ଭଗବତ୍ ଶକ୍ତି ଦ୍ୱାରା । ଏହାଫଳରେ ସଂସାରରୁ ଅଭାବ, ଦୁଃଖ, କଷ୍ଟ, ହିଂସା, ଯୁଦ୍ଧ, ମିଥ୍ୟାଚାର, ଅନ୍ୟାୟ, ଅସତ୍ୟ ଦୂର ହୁଏ । ସଂସାର ସ୍ୱର୍ଗରେ ପରିଣତ ହୁଏ । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ, ଭଗବାନଙ୍କ ସଂକଳ୍ପ ତଥା ଭଗବାନଙ୍କ ସୃଷ୍ଟି ।

## ଆତ୍ମ ବିକାଶର ଉପାୟ

ଆତ୍ମାର ବିକାଶ ବା ଜାଗ୍ରତ୍ ହେବାର ଉପାୟ ହେଲା, ନିଜକୁ ପ୍ରଶ୍ନ କରୁଥିବା ଯେପର୍ଯ୍ୟନ୍ତ ସନ୍ତୋଷଜନକ ଉତ୍ତର ନ ପାଇବା ।

ସାଂସାରିକ ଯେକୌଣସି କାର୍ଯ୍ୟ କର, ପ୍ରଥମରେ ସେ ବିଷୟରେ ଚିନ୍ତା କର । ଯଦି କୌଣସି କାର୍ଯ୍ୟରେ ପାଞ୍ଚହଜାର ଟଙ୍କା ଖର୍ଚ୍ଚ କର ତେବେ ହିସାବ ଲଗାଅ,– ଏଥିରେ ମାସିକ ସୁଧ ଏତେ ଟଙ୍କା, ଅମୁକ କାର୍ଯ୍ୟରେ ଲଗାଇଲେ ତା' ଅପେକ୍ଷା କେତେ ବେଶୀ ମିଳିବ ? ତେବେ ସେକାର୍ଯ୍ୟରେ ତୁମେ ପ୍ରସ୍ତୁତ ହୁଅ । ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ବିଚାର କରିସାରି ତାକୁ ଆରମ୍ଭ କର । ସେହିପରି ନିଜ ଜୀବନ କେଉଁ ସକାଶେ ? – ଏହି ବିଷୟରେ ନିଜକୁ ପ୍ରଶ୍ନ କର, ପ୍ରଥମରେ ବୁଦ୍ଧି ନିଜ ଯୁକ୍ତିରେ ଉତ୍ତର ଦେବ । ବୁଦ୍ଧିର ଉତ୍ତର ସମାପ୍ତ ହେଲେ ଆତ୍ମା ଦେଖାଇଦେବ ଯଥାର୍ଥ ମାର୍ଗ । ଯେଉଁମାନେ ବୁଦ୍ଧିଯୁକ୍ତିରେ ସନ୍ତୁଷ୍ଟ ହୁଅନ୍ତି, ସେମାନେ ଆତ୍ମାର ନିର୍ଦ୍ଦେଶ ପାଆନ୍ତି ନାହିଁ; ଜୀବନର ଯଥାର୍ଥ ସତ୍ୟରୁ ବହୁଦୂରରେ ରହନ୍ତି ।

ପ୍ର : ଆମେ କ'ଣ ଚାହୁଁ ? ଆମକୁ କ'ଣ କରିବାକୁ ହେବ ?

ଉତ୍ତର : ଆମେ ଚାହୁଁ ନିଜ ପରିବାର ବେଶ୍ ସୁଖ, ଶାନ୍ତିରେ ରହୁ; ଭୋଜନ, ବସ୍ତ୍ର, ରହିବା ଗୃହର ଅଭାବ ନ ରହୁ । ଚୋରି, ହିଂସା, ଅତ୍ୟାଚାର ଦେଶରୁ ଦୂର ହୋଇଯାଉ । ସମସ୍ତ ବ୍ୟକ୍ତି ସୁଖ, ଶାନ୍ତିରେ ରହନ୍ତୁ । ଏହାହିଁ ବ୍ୟକ୍ତିର ଚାହିଁବା । ଏହିସକାଶେ ସମାଜ, ପିତାମାତା, ପରିବାରକୁ ସେବା କରିବାକୁ ହେବ । ଏହାହିଁ ବ୍ୟକ୍ତିର କର୍ତ୍ତବ୍ୟ ।

ପ୍ର : ଆମ୍ଭମାନଙ୍କ ଚାହିଁବା ହେଲା ସୁଖ, ଶାନ୍ତିରେ ରହିବା ଏବଂ ଭୋଜନ, ବସ୍ତ୍ର, ଗୃହର ଅଭାବ ନ ହେବା । ଏହା କ'ଣ ହେଉଛି ?

ଉ : ନାହିଁ, ଆମ୍ଭମାନଙ୍କ ଚାହିଁବା ପୂର୍ଣ୍ଣ ହୋଇ ନାହିଁ । ତାହା ପୂର୍ଣ୍ଣ ହୁଏ ଦେଶକୁ ଉନ୍ନତ କରିବାରେ । ବ୍ୟକ୍ତି ଉଦରପୂର୍ଣ୍ଣ ଭୋଜନ ପାଏ ନାହିଁ, ପିନ୍ଧିବା ବସ୍ତ୍ରର ବ୍ୟବସ୍ଥା କରିପାରେ ନାହିଁ, ପିଲାକୁ ପଢ଼େଇପାରେ ନାହିଁ, ରହିବାକୁ ଗୃହ ନିର୍ମାଣ କରିପାରେ ନାହିଁ । ଏହି ଅଭାବରେ ସେ ଦୁଃଖ କଷ୍ଟ ଭୋଗେ, ଚୋରି କରେ, ହିଂସା କରେ, ଅନ୍ୟର ଅନିଷ୍ଟ କରେ । ସୁଖ, ଶାନ୍ତି ପାଏ ନାହିଁ ।

ଦେଶରେ କଳକାରଖାନା, କୃଷି, ବାଣିଜ୍ୟ ବୃଦ୍ଧି କଲେ ଏହିସବୁ ଦୂର ହୋଇଯାଏ । ବ୍ୟକ୍ତିର ଚାହିଁବା ପ୍ରାପ୍ତ ହୁଏ ଦେଶସେବାରେ ।

ପ୍ର : ଆପଣ ଯେଉଁ ଉତ୍ତର ଦେଲେ, ସୃଷ୍ଟି ଆରମ୍ଭରୁ ଏହି ଉତ୍ତର ଦିଆହୋଇ ଆସୁଅଛି, କିନ୍ତୁ ସୁଖ, ଶାନ୍ତି ପ୍ରଶ୍ନର ସମସ୍ୟା ସମାଧାନ ହୋଇ ନାହିଁ । ପ୍ରଥମ ପ୍ରଶ୍ନ ହେଲା – ଭୋଜନ, ବସ୍ତ୍ର ଯେଉଁ ଦେଶରେ ଅଭାବ ନାହିଁ, ସେ ଦେଶ ଏବଂ ସେ ଦେଶର ବ୍ୟକ୍ତି ଚାହିଁବା ଅନୁସାରେ ସୁଖ, ଶାନ୍ତି କ'ଣ ପାଇଛନ୍ତି ? ସେ ଦେଶରେ ହିଂସା, ଚୋରି, ଅନ୍ୟାନ୍ୟ ସମସ୍ତ ପ୍ରକାର ଅସଦାଚରଣ କ'ଣ ହେଉ ନାହିଁ ?

ଏହାର ଉତ୍ତର ଏକେବାରେ ସ୍ପଷ୍ଟ । ସମୃଦ୍ଧିଶାଳୀ ଦେଶ ସୁଖ, ଶାନ୍ତିରେ ନାହିଁ । ଏହାର ପ୍ରମାଣ ହେଲା ସେ ଦେଶରେ ହିଂସା, ଚୋରି, ଅନ୍ୟାୟ ତଥା ସମସ୍ତପ୍ରକାର ଅସଦାଚରଣ ହେଉଅଛି । ଦ୍ୱିତୀୟ ପ୍ରଶ୍ନ ହେଲା – ଯଦି ଦେଶକୁ ସମୃଦ୍ଧିଶାଳୀ କରିବା ଦ୍ୱାରା ଦେଶବାସୀ ଭୋଜନ, ବସ୍ତ୍ର ପାଇ ସୁଖ, ଶାନ୍ତିରେ ରହନ୍ତି, ତେବେ ନେତାମାନେ

ଦେଶକୁ କଳକାରଖାନା, କୃଷି, ବାଣିଜ୍ୟରେ ସମୃଦ୍ଧିଶାଳୀ କରିବାକୁ ପ୍ରଯତ୍ନ କରନ୍ତେ । ପୁଣି ସେମାନେ ନିଜ ଅଧିକାର, ନିଜ ନେତୃତ୍ୱ ରକ୍ଷାକରିବା ସକାଶେ ନିର୍ବାଚନରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରନ୍ତେ ନାହିଁ । ହଜାର ହଜାର ଗୁଣ୍ଡାଙ୍କ ଆବଶ୍ୟକତା ହୁଅନ୍ତା ନାହିଁ । ଲକ୍ଷ ଲକ୍ଷ ଲୋକଙ୍କୁ ଗୁଳିରେ ଉଡ଼େଇ ଦିଅନ୍ତେ ନାହିଁ । ବହୁପ୍ରକାର ଅସତ୍ୟ ଆଚରଣରେ ଅନ୍ୟର ଅର୍ଥ ଆତ୍ମସାତ୍ କରନ୍ତେ ନାହିଁ । ଅନ୍ୟ ନିରୀହ ଦେଶକୁ ଆକ୍ରମଣ କରି ତା'ର ସର୍ବନାଶ କରନ୍ତେ ନାହିଁ । ଏହାଦ୍ୱାରା କ'ଣ ବ୍ୟକ୍ତିର ଚାହିଁବା ସୁଖ, ଶାନ୍ତି ପ୍ରାପ୍ତ ହେଉଅଛି ?

ଉ : ଏହାଦ୍ୱାରା ବ୍ୟକ୍ତିର ଚାହିଁବା ସୁଖ, ଶାନ୍ତି ପ୍ରାପ୍ତ ହେଉ ନାହିଁ । କିନ୍ତୁ ଅନ୍ୟକୁ ହତ୍ୟା କରିବା, ଅନ୍ୟ ଦେଶକୁ ଆକ୍ରମଣ କରି ଧ୍ୱଂସ କରିବା ଉଦ୍ଦେଶ୍ୟ ହେଉଛି ଏହାଦ୍ୱାରା ପୃଥିବୀରେ ଅଖଣ୍ଡ ସୁଖ, ଶାନ୍ତି ସ୍ଥାପନ କରିବା, କାରଣ ଅନ୍ୟ ସିଦ୍ଧାନ୍ତରେ ବ୍ୟକ୍ତି ବା ଅନ୍ୟ ଧର୍ମାବଲମ୍ବୀ ବ୍ୟକ୍ତି ରହିଲେ ମତଭେଦ ସୃଷ୍ଟି ହେବ, ପରସ୍ପର ସଂଘର୍ଷ ହେବ । ଏହାଦ୍ୱାରା ବ୍ୟକ୍ତିର ସୁଖ, ଶାନ୍ତିରେ ବ୍ୟାଘାତ ଘଟିବ । ଅନ୍ୟ ଧର୍ମ, ଅନ୍ୟ ସିଦ୍ଧାନ୍ତ ଗ୍ରହଣ କରିଥିବା ବ୍ୟକ୍ତି ତଥା ଦେଶକୁ ସମାପ୍ତ କରିଦେଲେ ଆଉ ଦ୍ୱିମତ ହେବ ନାହିଁ । ପୃଥିବୀ ସୁଖ, ଶାନ୍ତିରେ ରହିବ ।

ପ୍ର : ଆପଣଙ୍କର ଯେଉଁ ଉତ୍ତର ତାହା କେବଳ ସ୍ୱପ୍ନ-ରାଜ୍ୟର କଳ୍ପନାବିଳାସ ନା ଯଥାର୍ଥତା ସମ୍ବନ୍ଧେ କିଛି ଭାବିଛନ୍ତି ? ଏହି ଉତ୍ତରଟି ଯଦି ୪୦ ବର୍ଷପୂର୍ବେ ଦେଇଥାଆନ୍ତେ, ତେବେ ବହୁତ ବ୍ୟକ୍ତି ବିଶ୍ୱାସ କରିଥାଆନ୍ତେ । ପ୍ରତ୍ୟକ୍ଷ ଘଟଣା ଦେଖି ଆପଣଙ୍କ ଉତ୍ତରକୁ ବିଶ୍ୱାସ କରିବୁ କିପରି, ମାନିବୁ ବା କିପରି ? ସଂସାର କଥାକୁ ଛାଡ଼, ଯେଉଁ ଦେଶମାନଙ୍କରେ ଏହି ସିଦ୍ଧାନ୍ତ ପ୍ରତିଷ୍ଠା ହୋଇଛି, ସେହି ଦେଶମାନଙ୍କରେ ନିଜ ଅଧିକାର, ନିଜ ନେତୃତ୍ୱ ସକାଶେ ପ୍ରକାଶ୍ୟରେ ଏବଂ ଅପ୍ରକାଶ୍ୟରେ ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାହେଉଛି । ଏହିସବୁ ଯେଉଁ ଉତ୍ତର ଦେଲେ, ସେଥିରେ ଆମର ଯେଉଁ ପ୍ରଶ୍ନ ଥିଲା –''ଆମ୍ଭେ କ'ଣ ଚାହୁଁ ? ଆମ୍ଭକୁ କ'ଣ କରିବାକୁ ହେବ ?'' ଏହାର ଉତ୍ତର ପ୍ରଶ୍ନର ସ୍ପର୍ଶ ବି କଲା ନାହିଁ । ସମାଧାନତା ଦୂରର କଥା ।

ଏହିଠାରୁ ପ୍ରଶ୍ନକର୍ତ୍ତା ଏବଂ ଉତ୍ତରଦାତା ପରିବର୍ତ୍ତନ ହେଲେ ।

ପ୍ର : ଆମ୍ଭେ କ'ଣ ଚାହୁଁ ?

ଉ : ଏହାର ଯଥାର୍ଥ ଉତ୍ତର ହେଉଛି, ଆମ୍ଭେ ଚାହୁଁ ଦୁଃଖବିହୀନ ପରମ ସୁଖ, ପରମ ଶାନ୍ତି ।

ପ୍ର : ଆମ୍ଭକୁ କ'ଣ କରିବାକୁ ହେବ ?

ଉ : ପ୍ରଥମରେ ଜାଣିବାକୁ ହେବ ଦୁଃଖବିହୀନ ପରମ ସୁଖ, ପରମ ଶାନ୍ତିର ସ୍ୱରୂପ; କରିବାକୁ ହେବ ତାହା ପ୍ରାପ୍ତିର ଯଥାର୍ଥ ପ୍ରଯତ୍ନ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଚାହିଁବା; ଏହାରି ପ୍ରାପ୍ତି ସକାଶେ କର୍ମ କରିବା ।

ପ୍ର : ଦୁଃଖବିହୀନ ପରମସୁଖ କାହାକୁ କହନ୍ତି ?

ଉ : ଯେଉଁ ସୁଖକୁ ସଂସାରର କୌଣସି ପ୍ରତିକୂଳ ଅବସ୍ଥା ବା ଦୁଃଖ ଦ୍ୱନ୍ଦ୍ୱ ବିଚଳିତ କରିପାରନ୍ତି ନାହିଁ । ତାହା ସର୍ବଥା ଅଖଣ୍ଡ, ଅବିକମ୍ପିତ ଥାଏ । ଏହି ପରମାନନ୍ଦକୁହିଁ ସମସ୍ତ ବ୍ୟକ୍ତି ଜ୍ଞାତରେ ତଥା ଅଜ୍ଞାତରେ ଚାହାନ୍ତି । ଏହି ପରମାନନ୍ଦ କୌଣସି ସାଂସାରିକ ବସ୍ତୁ ବା ଭୋଜନ, ବସ୍ତ୍ର ଯଥେଷ୍ଟ ହେବାରେ ପ୍ରାପ୍ତ ହୁଏ ନାହିଁ । ପ୍ରାପ୍ତ ହୁଏ ଅନ୍ତରରେ ଅନ୍ତର ଆତ୍ମା ଶରୀର ଆଧାରରେ ନେତୃତ୍ୱ ସ୍ଥାପନ କଲେ । ଏହାଛଡ଼ା ପରମାନନ୍ଦ କୌଣସି ସାଂସାରିକ ବସ୍ତୁରେ ଆଜିପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନାହିଁ ।

ପ୍ର : ଆପଣ ଯେଉଁ ପରମାନନ୍ଦ କଥା କହିଲେ, ସଂସାରରେ ବହୁତ ଅଳ୍ପ ବ୍ୟକ୍ତିଙ୍କୁ ବାଦ୍‌ଦେଲେ ବାକି ସମସ୍ତ ବ୍ୟକ୍ତି ଏହି ପରମାନନ୍ଦ ନାମ ଶୁଣି ନ ଥିବେ । ଆହୁରି ମଧ୍ୟ ଆବାଳବୃଦ୍ଧବନିତା ସମସ୍ତେ ଚାହାନ୍ତି କିପରି ? ସାଧାରଣ ସମସ୍ତ ବ୍ୟକ୍ତି ଚାହାନ୍ତି ସେମାନଙ୍କୁ ଭୋଜନ, ବସ୍ତ୍ର ମିଳୁ, ଧନସମ୍ପତ୍ତି ପ୍ରାପ୍ତ ହେଉ, ରୋଗଶୋକ ଦୂର ହେଉ, କୁଟୁମ୍ବ, ପରିବାର, ଦେଶ, ଜାତି ସୁଖରେ ରହନ୍ତୁ, ନିଜର ଯଶଃ ପ୍ରସାର ହେଉ, ଲୋକେ ପ୍ରଶଂସା କରନ୍ତୁ, ଅଧିକାର, ଐଶ୍ୱର୍ଯ୍ୟ ପ୍ରାପ୍ତ ହେଉ । ଏହାହିଁ ସମସ୍ତ ବ୍ୟକ୍ତି ଚାହାନ୍ତି । ପରମାନନ୍ଦକୁ କିଏ ଚାହେଁ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତରେ ଏହି ସମସ୍ତ ବସ୍ତୁରେ ଚାହାନ୍ତି ପରମାନନ୍ଦ । ଏହି ଜ୍ଞାନ ଥାଏ ଆତ୍ମାର;

କିନ୍ତୁ ଆତ୍ମା ଆବୃତ ଥାଏ ମନ-ପ୍ରାଣର ଆବରଣରେ । ଆତ୍ମପ୍ରକାଶ ବିନା ଅର୍ଦ୍ଧ ଆଲୋକିତ ମନ, ପ୍ରାଣ ନିଜ ଚାହିଁବା ଠିକ୍ ଠିକ୍ ବୁଝିପାରନ୍ତି ନାହିଁ । ଭ୍ରମବଶତଃ ପରମାନନ୍ଦଙ୍କୁ ଜାଗତିକ ବସ୍ତୁରେ ଖୋଜନ୍ତି । ଏହାର ସ୍ପଷ୍ଟ ପ୍ରମାଣ ହେଉଛି ବ୍ୟକ୍ତି ପ୍ରଶଂସା ଚାହାନ୍ତି । ସେଥିରେ ସୁଖ ମିଳେ, ଅପ୍ରଶଂସାରେ ଦୁଃଖ ହୁଏ । ସେହି ସକାଶେ ଅପ୍ରଶଂସା କେବେ ବି ଚାହାନ୍ତି ନାହିଁ । ସେମାନଙ୍କ ଚାହିଁବା ବସ୍ତୁର ବିପରୀତ – ଯେଉଁଥିରେ ଦୁଃଖ ମିଳେ – ତାହା କେହି ବି ଚାହାନ୍ତି ନାହିଁ । ଏପରିକି ଚୋର, ଡକାଏତ, ଆତ୍ମଘାତୀ ଅଜ୍ଞାନବଶତଃ ସୁଖ ଉଦ୍ଦେଶ୍ୟରେହିଁ ଏହି ଦୁଷ୍କର୍ମରେ ପ୍ରବୃତ୍ତ ହୁଅନ୍ତି ।

ପରମାନନ୍ଦ ପ୍ରାପ୍ତ କରିବା ମନୁଷ୍ୟର ଏକମାତ୍ର ଲକ୍ଷ୍ୟ । ଏହି ସକାଶେ ଈଶ୍ୱରଙ୍କ ସୃଷ୍ଟି । କ୍ରମବିକାଶ ଆରମ୍ଭରୁ ଜଡ଼, ବୃକ୍ଷଲତା, ପଶୁପକ୍ଷୀ ଏହି ପରମାନନ୍ଦଙ୍କ ପ୍ରାପ୍ତି ଉଦ୍ଦେଶ୍ୟରେ ବିକାଶମାର୍ଗରେ ଅଗ୍ରସର ହେଉଛନ୍ତି । ସେମାନେ ଯେତେ ଅଗ୍ରସର ହେଉଛନ୍ତି, ସେମାନଙ୍କ ଚାହିଁବା କ୍ରମଶଃ ସ୍ପଷ୍ଟ ହେଉଅଛି । ବୃକ୍ଷଲତା ପରମାନନ୍ଦ ପାଇବା ସକାଶେ ଉପରକୁ ଉଠନ୍ତି । ପଶୁପକ୍ଷୀ ଭୋଜନରେ, ଅସ୍ପଷ୍ଟଭାବେ ଅଧିକାରରେ ପରମାନନ୍ଦ ଖୋଜନ୍ତି । ପଶୁ ଅପେକ୍ଷା ଏହା ଅଧିକ ସ୍ପଷ୍ଟ ହୁଏ ମନୁଷ୍ୟ ମଧ୍ୟରେ । ଏହା ସ୍ପଷ୍ଟ ହୁଏ ମନୁଷ୍ୟର ଆତ୍ମା ଜାଗ୍ରତ୍ ହେବାରେ ।

## ଆତ୍ମ ବିକାଶ ବା ଜାଗ୍ରତର ଉପାୟ

ପ୍ର : ଆପଣଙ୍କ କହିବା ଯୁକ୍ତିଯୁକ୍ତ ମନେହେଉଛି । ପ୍ରତ୍ୟେକ ବ୍ୟକ୍ତି ଯଥାର୍ଥରେ ସମସ୍ତ କର୍ମରେ ଦୁଃଖ ନ ଚାହିଁ ସୁଖ ଚାହୁଁଛନ୍ତି । ସଂସାରରେ ସମସ୍ତ କର୍ମରେ ଦୁଃଖ ଥାଏ, କିନ୍ତୁ ଭଗବତ୍ସ୍ୱରୂପ ପରମାନନ୍ଦରେ ଥାଏ ଦୁଃଖ ଦ୍ୱନ୍ଦ୍ୱର ସର୍ବଦା ଅଭାବ, ଯଥାର୍ଥରେ ଏହି ପରମାନନ୍ଦ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଆମକୁ କରିବାକୁ ହେବ ଲକ୍ଷ୍ୟପ୍ରାପ୍ତିର ଉପାୟ । ଏହାକୁ ଜାଣିବାମାତ୍ରେ ଅଥବା ଜାଣିବା ପୂର୍ବରୁ ଆମ୍ଭେମାନେ ଆତ୍ମାର ସମ୍ବନ୍ଧେ ସଚେତନ ହେଉଥିବା । ଆତ୍ମା ଜାଗ୍ରତ୍ ହେବାରେହିଁ ବ୍ୟକ୍ତି ଜୀବନର ପୂର୍ଣ୍ଣତାର ସନ୍ଧାନ ପାଏ ଏବଂ ତାହା ପ୍ରାପ୍ତ କରେ । ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ତେବେ ଲକ୍ଷ୍ୟପ୍ରାପ୍ତିର କ'ଣ ଉପାୟ କହନ୍ତୁ ?

ଉ : ଲକ୍ଷ୍ୟପ୍ରାପ୍ତିର ଉପାୟ ହେଲା ନିଜେ ଏବଂ ନିଜର ଯାହାକିଛି ସମସ୍ତ ମା'ଙ୍କୁ ସମର୍ପଣ କରିବା । ସମର୍ପଣ ପୂର୍ଣ୍ଣ ହେବା ସକାଶେ ଏବଂ ସମର୍ପଣର ପ୍ରତିକୂଳ କର୍ମ, ଗତିବୃତ୍ତି, ବିଚାର ତ୍ୟାଗ ତଥା ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍ସା ଅର୍ଥାତ୍ ସମର୍ପଣ; ଅଭୀପ୍ସା ତଥା ପ୍ରତିକୂଳ କର୍ମର ତ୍ୟାଗ ହେଲା ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନା ।

ସବୁଠାରୁ ସରଳ ଉପାୟ ହେଲା ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ଘରର ମାଲିକ ତାଙ୍କୁହିଁ ମାନିନିଅ । ଘର, ପରିବାର, ସମ୍ପତ୍ତି ସମସ୍ତ କିଛି ତାଙ୍କୁହିଁ ସମର୍ପଣ କର । ଘରର କାର୍ଯ୍ୟ ଏବଂ କୃଷି, ବାଣିଜ୍ୟ, ଚାକିରି, ଦେଶସେବା ଇତ୍ୟାଦି ସମସ୍ତ କର୍ମ ତଥା ପରିବାର ପ୍ରତି କର୍ତ୍ତବ୍ୟକୁ ତାଙ୍କରି ସେବା ଭାବରେ କର । ଧାରଣା କର ଏହି କାର୍ଯ୍ୟ ସକାଶେ ମୋତେ ଭଗବାନ୍ ପଠାଇଛନ୍ତି ।

ପ୍ର : ସମର୍ପଣ କରିବା ଉଚିତ ଭଗବାନଙ୍କୁ । କାରଣ ଭଗବାନ୍ ହେଉଛନ୍ତି ପରମସତ୍ୟ । ଭଗବାନଙ୍କୁ ଛାଡ଼ି ମା'ଙ୍କୁ ସମର୍ପଣ କରିବାକୁ କାହିଁକି କହୁଛନ୍ତି ?

ଉ : ମା' ଏହି କାର୍ଯ୍ୟ କରିବାକୁ ଏହି ସଂସାରକୁ ଆସିଅଛନ୍ତି ଏବଂ ଆମକୁ ସାହାଯ୍ୟ କରିବା ସକାଶେ ଅପେକ୍ଷା କରିଅଛନ୍ତି । ମା'ଙ୍କୁ ସମର୍ପଣ କଲେ ତାଙ୍କ ଶକ୍ତି ଅଧିକରୁ ଅଧିକ ଆମ ମଧ୍ୟରେ ରୂପାନ୍ତର କାର୍ଯ୍ୟ କରିପାରିବ । ମା' ଭଗବାନଙ୍କ ଅଂଶ, ପ୍ରତିଭୂ, ଶକ୍ତି । ମା'ଙ୍କୁ ସମର୍ପଣ, ମା'ଙ୍କ ନାମସ୍ମରଣର ଅର୍ଥ ଭଗବାନଙ୍କୁ ସମର୍ପଣ ଏବଂ ଭଗବାନଙ୍କ ନାମସ୍ମରଣ ।

ଭଗବାନ୍ ପରମ ଦିବ୍ୟ । ମନୁଷ୍ୟର ମନ, ପ୍ରାଣ, ଶରୀର ଯଦ୍ୟପି ଭଗବାନଙ୍କଠାରୁ ଆସିଛି ତଥାପି ବିକୃତ ହୋଇ ସମ୍ପୂର୍ଣ୍ଣରୂପେ ଅଦିବ୍ୟରେ ପରିଣତ ହୋଇଛି । ସେହି କାରଣରୁ ମନୁଷ୍ୟ ଭଗବାନଙ୍କୁ ଭୁଲି ଯାଇଅଛି । ଏପରିକି ଭଗବାନଙ୍କ ଅସ୍ତିତ୍ୱକୁ ବି ସ୍ୱୀକାର କରୁ ନାହିଁ । ସଂସାରରୁ ଅଧର୍ମ ଦୂର କରି ସତ୍ୟ ପ୍ରତିଷ୍ଠା କରିବାକୁ ହେଲେ ଭଗବାନ୍

ସ୍ୱୟଂ ମନୁଷ୍ୟ ଆଉ ବିକୃତ ତତ୍ତ୍ୱର ଶରୀର ଧାରଣ କରିଥାନ୍ତି । ଭଗବାନ୍ ସେହି ବିକୃତ ତତ୍ତ୍ୱର ଶରୀର ଧାରଣ କରନ୍ତି ଏବଂ ମନୁଷ୍ୟର ସ୍ୱଜାତି ହୁଅନ୍ତି । ସ୍ୱଜାତି ଯୋଗୁଁ ଅଧିକାଂଶ ବ୍ୟକ୍ତି ସହଜରେ ଭଗବାନଙ୍କ ସହିତ ପିତା, ପୁତ୍ର, ମିତ୍ର ତଥା ଗୁରୁ ଏବଂ ଇଷ୍ଟ ସମ୍ପର୍କ ପ୍ରତିଷ୍ଠା କରନ୍ତି ଏହି ସମ୍ବନ୍ଧରୁ ଅଧିକାଂଶ ବ୍ୟକ୍ତିଙ୍କ ମଧ୍ୟରେ ସତ୍ୟ ପ୍ରତିଷ୍ଠା ହୁଏ ।

ବର୍ତ୍ତମାନ ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେବାର ସମୟ ଆସିଛି । ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ଅଂଶ, ପ୍ରତିଭୂ ବା ସ୍ୱୟଂ ଭଗବାନ୍ ଶ୍ରୀମା ଶ୍ରୀଅରବିନ୍ଦଙ୍କରୂପେ ମନୁଷ୍ୟଶରୀରରେ ପ୍ରଘଟ ହୋଇ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣି ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ତାଙ୍କର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇଛି । ଆମେ ମା'ଙ୍କୁ ସମର୍ପଣ କରିବା ଦ୍ୱାରା ସହଜରେ ତାଙ୍କ ସାହାଯ୍ୟ ନିର୍ଦ୍ଦେଶ ପାଇପାରିବା ।

ପ୍ର : ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ ଏବଂ ତାହାର ପ୍ରାପ୍ତିର ଉପାୟ ବୁଝିପାରିଲୁ । କିନ୍ତୁ ବର୍ତ୍ତମାନ ଦେଶର ଯେଉଁ ଦାରିଦ୍ର୍ୟ, ହିଂସା, ସ୍ୱାର୍ଥ ତାହା ଦୂର ହେବ କିପରି ? ଏହି ସନ୍ଦେହଟିକୁ ଦୂର କରନ୍ତୁ ।

ଉ : ଦାରିଦ୍ର୍ୟ, ହିଂସା, ସ୍ୱାର୍ଥ ଦୂରହେବ ଓ ପୃଥିବୀରେ ସତ୍ୟ, ନ୍ୟାୟ, ମୈତ୍ରୀ ପ୍ରତିଷ୍ଠା ହେବ ଏହି ଲକ୍ଷ୍ୟସିଦ୍ଧି ଦ୍ୱାରା ।

ଦାରିଦ୍ର୍ୟ, ଦୁଃଖ କଷ୍ଟର କାରଣ ହେଉଛି ଅଜ୍ଞାନତା । ଅଜ୍ଞାନତା ଯୋଗୁଁ ବ୍ୟକ୍ତି ନିଜ ସ୍ୱାର୍ଥ ସକାଶେ ଠିକ୍ କାର୍ଯ୍ୟ କରେ ନାହିଁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଧିକାଂଶ ବ୍ୟକ୍ତି ଚୋରି କରନ୍ତି । ସେହି ସକାଶେ ଦେଶର ଉନ୍ନତି ହୁଏ ନାହିଁ କିଂବା ଦାରିଦ୍ର୍ୟ ଦୂର ହୁଏ ନାହିଁ । ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଦିବ୍ୟତ୍ୱରେ ରୂପାନ୍ତର ହେଲେ ତା'ର ହେବ ଆତ୍ମଧର୍ମ । ଆତ୍ମଧର୍ମରେ ଅଜ୍ଞାନ, ସ୍ୱାର୍ଥ, ଅହଂ ସର୍ବଥା ଅଭାବ । ଏହା ଦୂର ହେଲେ ବ୍ୟକ୍ତି ଚୋରି, ଧପ୍‌ପାବାଜି କରିବ ନାହିଁ । ଦେଶର ଉନ୍ନତି ହେବ ଏବଂ ଦାରିଦ୍ର୍ୟ ଦୂର ହେବ । ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ ।